ବର୍ଷ-୨୫, ସଂଖ୍ୟା-୧୫୦
ଭୁବନେଶ୍ୱର
୦୨, ଜୁନ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-25, Issue No. 150
Bhubaneswar
02, June, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଫାଇନାଲରେ ପଞ୍ଜାବ



# କଳିଙ୍ଗ ଷ୍ଟୁଡିଓରେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧।୬(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରି ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଷ୍ଟୁଡ଼ିଓ ଭାବେ ବିକଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ଏହି ଷ୍ଟୁଡ଼ିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡ଼ିଓ ଭାବେ ଖ୍ୟାତି ଅର୍ଜନ କରିଥିଲା। ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡ଼ିଓଟିର ଚାହିଦା ହ୍ରାସ ପାଇଥିଲା। ଏହାର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି।

ନୂଆ ସରକାର ଦାୟିତ୍ୱ ନେବା ପରେ ଏହି ଷ୍ଟୁଡ଼ିଓର ଅତ୍ୟାଧୁନିକୀକରଣକୁ ଗୁରୁତ୍ୱ ଦେବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଷ୍ଟୁଡ଼ିଓର ଟେକ୍ ବିଲଡ଼ିଙ୍ଗ, ଏଣ୍ଟ୍ରାନ୍ସ ପ୍ଲାଜା, ଇନଡୋର୍ ସୁଟିଙ୍ଗ ବ୍ୟବସ୍ଥା, କଳିଙ୍ଗ ମୁଭି ମ୍ୟାଜିକ୍, ଆଭେନ୍ୟୁ ଲ୍ୟାଣ୍ଡ, ଭିଲେଜ୍ ଏରିଆ, ଆଇକନିକ୍ ଲ୍ୟାଣ୍ଡ ମାର୍କ, ସ୍ନୋ ୱାର୍ଲ୍ଡ, କମ୍ୟୁନିଟି ହଲ୍, ବାମ୍ବୋ ଷ୍ଟ୍ରକ୍‌ଚର, ୱାଟର ବଡ଼ି, ଗ୍ରୀନ ଏରିଆ ଇତ୍ୟାଦି ବିକଶିତ କରାଯାଇଛି ବାକି ରହିଥିବା କାମ ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଡ୍‌କୋ ପକ୍ଷରୁ ଏହି ବିକାଶ କାର୍ଯ୍ୟ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଷ୍ଟୁଡ଼ିଓର ବିକାଶ ଅତ୍ୟନ୍ତ ଆବଶ୍ୟକ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଷ୍ଟୁଡ଼ିଓରେ ପରିଣତ କରାଯିବ। ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ସମସ୍ତଙ୍କ ସହ ଆଲୋଚନା କରାଯାଇ ଏହି ଷ୍ଟୁଡ଼ିଓର ବିକାଶ କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଷ୍ଟୁଡ଼ିଓ ବୁଲି ଦେଖିଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ।

ତିସ୍ତା ନଦୀ ଟ୍ରାଜେଡି

# ନିଖୋଜ ଓଡ଼ିଆଙ୍କ ମୋବାଇଲ୍ ଉଦ୍ଧାର

**ଭୁବନେଶ୍ୱର,୧।୬(ମହାଭାରତ):** ଉତ୍ତର ସିକ୍କିମର ମନ୍‌ଗାଁ ଜିଲ୍ଲାରେ ଘଟିଥିବା ସଡ଼କ ଦୁର୍ଘଟଣାର ସାମ୍ନା କରିଥିବା ନିଖୋଜ ଓଡ଼ିଆଙ୍କ ମୋବାଇଲ୍ ଫୋନ୍ ଓ କିଛି ନଗଦ ଟଙ୍କା ଉଦ୍ଧାର ହୋଇଥିବା ଜଣାପଡ଼ିଛି ଉଦ୍ଧାରକାରୀ ଦଳ ତିସ୍ତା ନଦୀରୁ ୬ଟି ମୋବାଇଲ ପାଇଛନ୍ତି। ଏହି ମୋବାଇଲ୍‌ଗୁଡ଼ିକ ଏକ ଭ୍ୟାନିଟି ବ୍ୟାଗ୍ ଭିତରେ ଥିଲା। ଏଥି ସହିତ ଉଦ୍ଧାରକାରୀ ଦଳ ଭ୍ୟାନିଟି ବ୍ୟାଗ୍ ଭିତରୁ ୯,୨୦୦ ଟଙ୍କା ପାଇଛନ୍ତି। ଉଦ୍ଧାର କରାଯାଇଥିବା ମୋବାଇଲ ଓ ବ୍ୟାଗ୍ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ଅନ୍ୟପଟରେ ନିଖୋଜ ପର୍ଯ୍ୟଟକଙ୍କ ପତ୍ତା ଏଯାଏଁ ମିଳି ନାହିଁ।ଓଡ଼ିଆଙ୍କ ସମେତ ପର୍ଯ୍ୟଟକମାନେ ଉତ୍ତର ସିକ୍କିମର ମନ୍‌ଗାଁ ଜିଲ୍ଲା ଲାଚେନ-ଲାଚଙ୍ଗ ଜାତୀୟ ରାଜପଥ ଦେଇ ଆଗକୁ ବଢୁଥିବା ବେଳେ ମୁନସ୍ତିଙ୍ଗ୍ ନିକଟରେ ସେମାନଙ୍କ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ପର୍ଯ୍ୟଟକଙ୍କ ଗାଡ଼ି ପ୍ରାୟ ହଜାରେ ଫୁଟ ତଳକୁ ତିସ୍ତା ନଦୀକୁ ଖସି ପଡ଼ିଥିଲା।ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ୮ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ବ୍ୟାସନଗରର ବିଜେପି ନେତ୍ରୀ ଇତିଶ୍ରୀ ଜେନା ମଧ୍ୟ ଅଛନ୍ତି।ହେଲେ ଦୁର୍ଘଟଣାରେ ଇତିଶ୍ରୀଙ୍କ ପୁଅ ଏବଂ ପୁତୁରା ସୁରକ୍ଷିତ ଉଦ୍ଧାର ହୋଇଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ ଗଣମାଧ୍ୟମକୁ ଶୁକ୍ରବାର ସୂଚନା ଦେଇଛନ୍ତି।

# ବାଇକ୍ ସହ ଜଳିଗଲେ ଏଏସ୍ଆଇ



ଧର୍ମଗଡ଼,୧।୬(ମହାଭାରତ): ଭବାନୀପାଟଣା ରିଜର୍ଭ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଏଏସ୍ଆଇ ନିଜ ଗାଡ଼ି ସହ ଜଳିଯାଇଛନ୍ତି। ଜୁନାଗଡ ଥାନା ଅନ୍ତର୍ଗତ ବନମାଳିପୁର ଏନ୍ ଏଚ-୨୬ ଠାରେ ବାଇକ୍ ସହ ପୋଲିସ ଏଏସ୍ଆଇଙ୍କ ଅର୍ଦ୍ଧଦଗ୍ଧ ମୃତ ଦେହ ଉଦ୍ଧାର ହୋଇଛି। ଘଟଣାର ସାଇଣ୍ଟିଫିକ ତଦନ୍ତ ଆରମ୍ଭ ହୋଇଥିବାବେଳେ ଏହାଏକ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଭବାନୀପାଟଣା ଜୁନାଗଡ ମୁଖ୍ୟ ରାସ୍ତା ଏନଏଚ ୨୬ ବନମାଳି ପୁର୍ ଠାରେ ଅର୍ଦ୍ଧଦଗ୍ଧ ହୋଇ ଏକ ବାଇକ୍ ସହ ଏକ ଯୁବକଙ୍କ ମୃତ ଦେହ ପଡିଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ବ୍ୟକ୍ତି ପରିଚୟ ମିଳି ନଥିବା ବେଳେ ପରେ ବାଇକ୍‌ର ନମ୍ବର୍‌ରୁ ମୃତ ବ୍ୟକ୍ତି ଜଣକ ପୋଲିସ ଏଏସ୍ଆଇ ପବିତ୍ର ଗୋଲାପି (୪୩) ଘର କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ସାନଦୁବଲି ଗ୍ରାମ ବୋଲି ଜଣାପଡ଼ିଥିଲା। ମୃତ ପୋଲିସ ଅଧିକାରୀ ଜଣକ ଶନିବାର ଦିନ ବିଳମ୍ବିତ ରାତିରେ ଏକ୍ ବାଇକ୍ ଯୋଗେ ଭବାନୀପାଟଣାଠାରୁ ଜୁନାଗଡ ରାସ୍ତା ଅଭିମୁଖେ ଆସୁଥିବା ବେଳେ ଜୁନାଗଡ ଥାନା ବନମାଳୀ ପୁର୍ ଭରତ ପେଟ୍ରୋଲ୍ ପମ୍ପ ପାଖରେ ବାଇକ୍ ସହ ପୋଡି ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ପୋଲିସ ଅଧିକାରୀ ସହ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି ।ମୃତ ପୋଲିସ ଅଧିକାରୀ ଜଣକ ଦୁଇ ବର୍ଷ ତଳେ କଳାହାଣ୍ଡି ଜିଲ୍ଲା କେ ଗାଁ ଥାନା ରେ ଯୋଗ ଦେଇଥିଲେ। କେଗାଁ ଥାନାରେ କାର୍ଯ୍ୟ ରତ ଥିବା ବେଳେ କୋଣସି କାରଣରୁ ନିଲମ୍ବିତ ହୋଇ ଭବାନୀପାଟଣା ରିଜର୍ଭ ପୋଲିସ ମୁଖ୍ୟାଳୟ ରେ ଅବସ୍ଥାପିତ ଥିଲେ। ମୃତକଙ୍କ ପରିବାର ଖବର ପାଇ ସ୍ତ୍ରୀ, ମାଆ, ଭାଇ ସହ କୋରାପୁଟରୁ ଆସି ଘଟଣାସ୍ଥଳରେ ପହଞ୍ଚି ଥିଲେ ମୃତକଙ୍କ ସ୍ତ୍ରୀ ଙ୍କ ଅଭିଯୋଗ ଅନୁଯାୟୀ କେ ଗାଁ ଆଇଆଇସି ମାନସିକ ନିର୍ଯାତନା ଦେଉଥିବା ହେତୁ ପବିତ୍ର ଡିପ୍ରେସନ ରହୁଥିବା ଅଭିଯୋଗ କରିଛନ୍ତି।

ତାଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରିବା ସହ ଘଟଣାର ଉଚିତ ତଦନ୍ତ ହେଲେ ସତ୍ୟାସତ୍ୟ ଆସିବ ବୋଲି ପ୍ରକାଶ କରିଛନ୍ତି। ଜୁନାଗଡ ପୋଲିସ ଏହାକୁ ଦୁର୍ଘଟଣା କହୁଥିବା ବେଳେ ପରିବାର ଲୋକେ ହତ୍ୟା ସନ୍ଦେହ କରୁଛନ୍ତି। ପରିବାର ଲୋକେ ପହଁଞ୍ଚିବା ପରେ ପୋଲିସ ଘଟଣା ସ୍ଥଳରୁ ଶବ ଜବତ କରି ଜୁନାଗଡ ଡାକ୍ତର ଖାନା ରେ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

# ଅଧ୍ୟାପିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର

ଜୟପୁର,୧।୬(ମହାଭାରତ): ଅଧ୍ୟାପିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ଜୟପୁର ମହିଳା ଥାନା ପୋଲିସ ଜଣେ ବିଟେକ୍ ଛାତ୍ରଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଖାତିଗୁଡାର ଇସ୍ରାଏଲ ନାୟକ(୨୫)। ସୁଚନା ଅନୁଯାୟୀ, ଏକ ଘରୋଇ କଲେଜରେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ଯୁବତୀଙ୍କୁ ଇସ୍ରାଏଲ ୨୦୨୨ରୁ ପ୍ରେମ କରି ବିବାହ ପ୍ରଲୋଭନ ଦେଖାଇ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଯୁବତୀ ମହିଳା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୭୪/୨୫) ରୁଜୁ କରି ତଦନ୍ତ କରିଥିଲା ତଦନ୍ତ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପାକିସ୍ତାନୀ ଗୁପ୍ତଚରଙ୍କୁ ଖୋଜୁଛି ଏନଆଇଏ

**ନୂଆଦିଲ୍ଲୀ,୧।୬(ମହାଭାରତ):** ପାକିସ୍ତାନୀ ଗୁପ୍ତଚରଙ୍କୁ ଜୋରଦାର ଚାଲିଛି ଖୋଜା। ପହଲଗାମ୍ ହମଲା ପରେ ଭାରତୀୟ ଲୋକଙ୍କ ପାକ୍ ଲିଙ୍କ ନେଇ ଜୋରଦାର ଚାଲିଛି ଅଭିଯାନ। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ସନ୍ଦେହରେ ୮ ରାଜ୍ୟର ୧୫ଟି ସ୍ଥାନରେ ଏନଆଇଏ ରେଡ୍ କରିଛି। ପାକ୍ ଗୁଇନ୍ଦାଙ୍କୁ ଖୋଜୁଛି ଏନଆଇଏ । ଦେଶବିରୋଧୀ ତତ୍ତ୍ୱଙ୍କୁ ଖୋଜି ବାହାର କରିବା ପାଇଁ ବଡ଼ ଅପରେସନ ଜାରି ରହିଛି । ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ ଦ୍ୱାରା ଦେଶବ୍ୟାପୀ ବଡ଼ ଧରଣର ଚଢ଼ାଉ ଚାଲିଛି। ୮ ରାଜ୍ୟରେ ଏନଆଇଏ ଟିମ୍ ଛାନଭିନ୍ ଚଳାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା ପାକିସ୍ତାନ ପାଇଁ ଗୁଇନ୍ଦାଗିରି ମାମଲାରେ ୮ଟି ରାଜ୍ୟର ୧୫ଟି ସ୍ଥାନରେ ବଡ଼ ଧରଣର ତଲାସୀ ଅଭିଯାନ ଚଳାଇଛି। ଦିଲ୍ଲୀ, ମୁମ୍ବାଇ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଆସାମ ଏବଂ ପଶ୍ଚିମବଙ୍ଗରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି ।

# ଉତ୍ତର-ପୂର୍ବ ରାଜ୍ୟରେ ବର୍ଷା ବିପ୍ୟାତ



ଗୁଆହାଟୀ,୧।୬।(ମହାଭାରତ):ସବୁଠି ହାହାକାର ସବୁଠି ଭୟ ଆତଙ୍କର ସ୍ଥିତି ପାଣି, ପାଣି, ପାଣି ଚାରିଆଡେ ପାଣି। ଲଗାଣ ବର୍ଷା ଫଳରେ ଜଳ ଆଣିଛି ବିପର୍ଯ୍ୟୟ। ଉତ୍ତର-ପୂର୍ବ ଭାରତରେ ବର୍ଷା ବିପ୍ୟାତ ଯୋଗୁ ୩୨ ଜଣଙ୍କ ଜୀବନ ଗଲାଣି। ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ମିଜୋରାମ ଓ ମେଘାଳୟ ଭଳି ଏକାଧିକ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଅସମ୍ଭାଳ ହୋଇପଡିଛି। ଏଥିରେ ୧୨ ହଜାରରୁ ଅଧିକ ପ୍ରଭାବିତ ହୋଇଛନ୍ତିୟ ବିଗତ ତିନି ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷାରେ ଶତାଧିକ ବାସଗୃହ ନିଶ୍ଚିହ୍ନ ହୋଇଥିବାବେଳେ ରାସ୍ତାଘାଟ ଭୁଶୁଡି ପଡିଛି। ବିରାଟକାୟ ଗଛ ଉପୁଡି କେତେକ ସ୍ଥାନରେ ବିଦ୍ୟୁ ସରବରାହ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଭାରତୀୟ ପାଣିପାଗ କାର୍ଯ୍ୟାଳୟ (ଆଇଏମଡି) ପକ୍ଷରୁ ଏହି ରାଜ୍ୟଗୁଡିକୁ ରେଡ୍ ଆଲର୍ଟ ଜାରି କରାଯାଇଛି।

ଶୁକ୍ରବାର ଅରୁଣାଚଳରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆସମରେ ୫. ତ୍ରିପୁରାରେ ୪, ମଣିପୁରରେ ୩, ମିଜୋରାମ ଓ ମେଘାଳୟରେ ପ୍ରତ୍ୟେକ ୨ ଜଣ ପ୍ରାଣ ହରାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ପୁଲିସ ସମେତ ସେନା, ଏନଡିଆରଏଫ୍ ଓ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ମୁତୟନ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଏହି ରାଜ୍ୟଗୁଡିକର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ଆସାମର ଗୁଆହାଟୀ ଓ ସିଲଚରରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ଅରୁଣାଚଳ, ମଣିପୁର, ତ୍ରିପୁରା ଓ ମିଜୋରାମରେ ସ୍ଥିତି ଅନୁରୂପ ଭାବେ ଉଦ୍‌ବେଗଜନକ ରହିଛି। ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ପର୍ଯ୍ୟଟକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ତ୍ରିପୁରାରେ ୨୦୦ ଲୋକ ବାସଚ୍ୟୁତ ହୋଇଥିବାବେଳେ ମଣିପୁରରେ ବିଭିନ୍ନ ନଦୀର ଜଳପତନ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହି ପରିପ୍ରେକ୍ଷୀରେ ନଦୀକୂଳରେ ବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ରାସ୍ତାଘାଟ, ଘରଦ୍ୱାର ଚାରିଆଡ଼େ ପାଣି ହିଁ ପାଣି । ପାଣି ଘେରରେ ରହିଥିବା ଲୋକଙ୍କୁ ଏନଡିଆରଏଫ୍, ଏସଡିଆରଏଫ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି । ସମୟ ପୂର୍ବରୁ ମୌସୁମୀ ଦେଶରେ ପହଞ୍ଚିବା କାରଣରୁ ଏହାର ପ୍ରଭାବରେ ସାରା ଦେଶରେ ବର୍ଷା ସାଙ୍ଗକୁ କିଛି ରାଜ୍ୟରେ ପ୍ରବଳ ବର୍ଷା ହେଉଛି। ଫଳରେ ସ୍ଥିତି ଅସମ୍ଭାଳ ହୋଇଛି।

ବିଶେଷ କରି ଉତ୍ତର ଭାରତର ଏକାଧିକ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବାବେଳେ ଭୂସ୍ଖଳନ ହୋଇଛି ।ବିଭିନ୍ନ ନଦୀର ଜଳସ୍ତର ଉଛୁଳୁଛି । ଉତ୍ତର ଭାରତରେ ବିଭିନ୍ନ ରାଜ୍ୟରେ ପାଣି ଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ବନ୍ୟା ପାଇଁ ଏକପ୍ରକାର କୋକୁଆ। ଭୟ ଖେଳିଯାଇଛି।

# ଓଡ଼ିଶାରେ ୩ ନୂଆ କରୋନା ସଂକ୍ରମିତ ଚିହ୍ନଟ

**ନୂଆଦିଲ୍ଲୀ/ଭୁବନେଶ୍ୱର୧।୬(ମହାଭାରତ):** ଓଡ଼ିଶାରେ ଆଉ ୩ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପରୀକ୍ଷା ପରେ ସେମାନେ କରୋନା ପଜିଟିଭ ବାହାରିଛନ୍ତି। ଏହାଫଳରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ଅଙ୍କ ଛୁଇଁ ୧୧କୁ ବୃଦ୍ଧି ପାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଶନିବାର ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉଥିବା କୁହାଯାଇଛି। ମୃତକ ଜଣେ ବୃଦ୍ଧ ଏବଂ ସେ ଭୁବନେଶ୍ୱରରେ ରୁହନ୍ତି। କରୋନାରେ ଆକ୍ରାନ୍ତ ହେବା ପରେ ସେ ଘରେ ରହି ଚିକିତ୍ସିତ ହେଉଥିଲେ। ଏହା ସହିତ ସେ ଅନ୍ୟାନ୍ୟ ରୋଗରେ ମଧ୍ୟ ଆକ୍ରାନ୍ତ ଥିଲେ ବୋଲି ସୂଚନା ମିଳିଛି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ରବିବାର ସକାଳ ୮ଟା ସୁଦ୍ଧା ଦେଶରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୭୫୮ ରହିଛି। ଗତ ୨୪ ଘଣ୍ଟାରେ ୩୬୩ଟି ନୂଆ ମାମଲା ଚିହ୍ନଟ ହୋଇଛି। ଏଯାଏଁ ସର୍ବାଧିକ ମାମଲା କେରଳରୁ ଚିହ୍ନଟ ହୋଇଛି। କେରଳରେ ସର୍ବାଧିକ ୧୪୦୦ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ପରେ ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ମହାରାଷ୍ଟ୍ରରେ ୪୮୫, ଦିଲ୍ଲୀରେ ୪୩୬, ଗୁଜୁରାଟ- ୩୨୦, ପଶ୍ଚିମବଙ୍ଗ-୨୮୭, କର୍ଣ୍ଣାଟକ-୨୩୮ ଜଣେ ଚିହ୍ନଟ ହୋଇଥିବା ବେଳେ ଓଡିଶାରେ ଆଉ ୩ ନୂଆ। ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଇତିମଧ୍ୟରେ ଓଡିଶାରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି।

# ପୁଣି କୁବେର ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ବ୍ରହ୍ମପୁର,୧।୬: ପୁଣି ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଏନ୍. ଦିଲ୍ଲୀପ କୁମାର ଚୌଧୁରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ଯନ୍ତ୍ରୀଙ୍କ ଆୟଠାରୁ ୧୧୯ ପ୍ରତିଶତ ଅଧିକ ସମ୍ପତ୍ତି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ଯନ୍ତ୍ରୀଙ୍କ ୧ କୋଟି ଟଙ୍କାର ଅଟ୍ଟାଳିକା ସହ ଦେଢ଼ କୋଟିର ୨ଟି ଫ୍ଲାଟ ରହିଛି। ଏପରିକି ୨ କୋଟି ଟଙ୍କାର ୧୧ ପ୍ଲଟ ସହ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ଓମ୍ଫେଡ୍ ଦୁଗ୍ଧ ଉତ୍ପାଦକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା



- ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ
- ମିଳିବ ୧ ଲକ୍ଷ ଟଙ୍କା ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି
- ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା

ଭୁବନେଶ୍ୱର,୧।୬(ମହାଭାରତ.): ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱଦୁଗ୍ଧ ଦିବସ-୨୦୨୫ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକ ମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିଛନ୍ତି । ଏହାସହ ଓମଫେଡ ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍ଘାଟନ କରିଥିଲେ ଯ ଏହାସହ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ମଇଁଷି ଉଦ୍ୟୋଗ ବିକାଶ, ମାଈ ବାଛୁରୀ ପାଳନ, ଗୋମହିଷାଦିଙ୍କ ବୀମାକରଣ, ଗୋପାଳକଙ୍କ ଆୟବୃଦ୍ଧି ନିମନ୍ତେ ନଗଦ ପ୍ରୋତ୍ସାହନ ଏବଂ ଘାସଚାଷ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ କାମଧେନୁ ଯୋଜନାରେ ପ୍ରାୟ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟର ୭୭ ଗୋଟି ପଞ୍ଜିକୃତ ଗୋଶାଳାରେ ଅସହାୟ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ପ୍ରାଣୀକଲ୍ୟାଣ ସଂଗଠନ ମାନଙ୍କୁ ୧୦.୫ କୋଟି ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଦୁଗ୍ଧ ଉତ୍ପାଦନ ଆମ ଗ୍ରାମୀଣ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ। ଏହା କେବଳ ଏକ ଆୟର ଉତ୍ସ ନୁହେଁ ବରଂ ଆମ ସମାଜରେ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ମଧ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆମ ରାଜ୍ୟରେ ୨୦୨୩-୨୪ ବର୍ଷରେ ୨୬.୪ ଲକ୍ଷ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇଥିବା ବେଳେ ଏହାକୁ ଆଗାମୀ ୫ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ଆମ ସରକାର ପ୍ରୟାସଶୀଳ। ସେଥିପାଇଁ ଆମର ଏହି ଲୋକଙ୍କ ସରକାର ରାଜ୍ୟରେ ଗୋପାଳନର ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆରମ୍ଭ କରିଛନ୍ତି, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'। ସେ କହିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି । ଏହି କାମଧେନୁ ଯୋଜନା ଅଧିନରେ ଅନେକ ଯୋଜନା ଆଜି ଆମର ରାଜ୍ୟ ଚାଷୀଙ୍କୁ ସମୃଦ୍ଧ କରୁଛି। ପ୍ରାଣୀକଲ୍ୟାଣ ପ୍ରତି ଆମ ସରକାର ସର୍ବଦା ସମ୍ବେଦନଶୀଳ। ସହାନୁଭୂତି, ସଂବେଦନଶୀଳତା ଓ ପର୍ଯ୍ୟାବରଣ ସୁରକ୍ଷା ପ୍ରତି ଥିବା ଉତ୍ତରଦାୟିତ୍ୱକୁ ଭଲଭାବରେ ବୁଝି ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ଆମ ସରକାର ୧୮୬ କୋଟି ଟଙ୍କା ବ୍ୟୟ-ଅଟକଳରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ବୁଲା ଓ ଅସହାୟ ଗୋରୁଗାଈଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ପଞ୍ଜୀକୃତ ଗୋଶାଳାଗୁଡିକୁ ଗୋରୁ ପିଛା ଦୁଇଟି କିସ୍ତିରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି । ପ୍ରଥମ ପର୍ଯ୍ୟାୟରେ ଗତ ନଭେମ୍ବର ମାସରେ ୬୮ଟି ଗୋଶାଳାକୁ ୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୭ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ଅନୁଦାନ ଆଜି ଦିଆଯାଇଛି । ଏହି ଅର୍ଥ ରାଜ୍ୟର ପ୍ରାୟ ୨୨ହଜାର ନିରାଶ୍ରୟ ଗୋରୁଗାଈଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଅତ୍ୟନ୍ତ ଆନନ୍ଦର ବିଷୟ, ରାଜ୍ୟର ଖାଉଟିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଆଜି ଓମଫେଡ଼ ପକ୍ଷରୁ ତିନୋଟି ନୂଆ ଉତ୍ପାଦର ବଜାରପ୍ରବେଶ କରାଯାଉଛି। ସେଗୁଡିକ ହେଲା-ବାଲ୍ଟି ଦହି, ଆମ ଓଡିଶାର ବିଞ୍ଝାରପୁରୀ ଗାଈ କ୍ଷୀରରୁ ପ୍ରସ୍ତୁତ ଦେଶୀ ଗାଈ ଘିଅ ଓ ସେହି ଗାଈ ପ୍ରଜାତିର ଇ୨ କ୍ଷୀର । ଆଜିଠାରୁ ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ। ଖାଉଟିମାନଙ୍କ ପାଇଁ ବୃଦ୍ଧି ହେବାକୁ ଥିବା ଲିଟର ପ୍ରତି ୪ ଟଙ୍କାରୁ ୨ ଟଙ୍କା ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟର ପ୍ରାୟ ୨.୫ ଲକ୍ଷ ଗୋପାଳକ ସିଧାସଳଖ ଲାଭବାନ ହୋଇପାରିବେ। ଆମେ ଚାହୁଁଛୁ ଯେ ଓଡ଼ିଶା ଏକ ଦୁଗ୍ଧ ଉତ୍ପାଦନ ରାଜ୍ୟ ଭାବରେ ଦେଶରେ ଏକ ମଡେଲ୍ ସ୍ଥାନ ନେଉ। ଆମେ ସମସ୍ତେ ମିଳିତ ଭାବେ ଦୁଗ୍ଧ ସମୃଦ୍ଧ ଓଡ଼ିଶା, ସୁସ୍ଥ ଓଡ଼ିଶା ନାରାକୁ ସାକାର କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ବିଭିନ୍ନ ପ୍ରାଣୀକଲ୍ୟାଣ ସଂଗଠନର କର୍ମକର୍ତ୍ତା, ରାଜ୍ୟର ବିଭିନ୍ନ ଅଞ୍ଚଳର ଗୋପାଳକ ଓ ପ୍ରାଣୀପାଳକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିସପି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢ଼ା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

# ଏଥର ରଜରେ ରୋଚକ ଲଢ଼େଇ



ଏଥର ରଜରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ତିନିତିନିଟି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ଏହି ସିନେମାଗୁଡ଼ିକ ହେଲା 'ବୋଉ ବୁଟୁ ଭୂତ', 'ଅନନ୍ତା' ଓ 'ଫାଷ୍ଟ୍ ଲଭ୍'। ଶ୍ରୀଧର ମାର୍ଥା ଓ କିଶୋର ନାୟକଙ୍କ ପ୍ରଯୋଜିତ 'ଫାଷ୍ଟ୍ ଲଭ୍' ଜୁନ୍ ୬ ତାରିଖରେ ପରଦାକୁ ଆସିବା ଲାଗି ସଜବାଜ ହେଉଥିବା ବେଳେ ଅନ୍ୟ ଦୁଇଟି ରଜ ସମୟରେ ହିଁ ଆସିବ।ଏ ଦୃଷ୍ଟିରୁ ରଜରେ ମୁଖ୍ୟ ଟକ୍କର 'ବୋଉ ବୁଟୁ ଭୂତ' ଓ 'ଅନନ୍ତା' ମଧ୍ୟରେ ହେବ ବୋଲି କୁହାଯାଉଛି।

ପ୍ରାୟ ୭ ବର୍ଷ ପରେ ଏଥର ରଜରେ ଓଲିଉଡ୍ର ଦୁଇ ଲୋକପ୍ରିୟ ନାୟକ ସବ୍ୟସାଚୀ ଓ ବାବୁସାନ୍ ମୁହାଁମୁହିଁ ହେବେ। 'ବୋଉ ବୁଟୁ ଭୂତ'ରେ ବାବୁସାନ୍ ଓ 'ଅନନ୍ତା'ରେ ସବ୍ୟସାଚୀ ନାୟକ ଭୂମିକାରେ ଅଛନ୍ତି। ଏ ଦୁଇ ନାୟକ ନିଜ ନିଜ ଫିଲ୍ମ ଜରିଆରେ ଶେଷଥର ଲାଗି ମୁହାଁମୁହିଁ ହୋଇଥିଲେ ୨୦୧୮ ରଜରେ। ସେହି ବର୍ଷ ରଜରେ ସବ୍ୟସାଚୀଙ୍କ ଅଭିନୀତ 'ଫୋର୍ ଇଡିଅଟ୍ସ' ଓ ବାବୁସାନ୍‌ଙ୍କ ଅଭିନୀତ 'ସୁନ୍ଦରଗଡ଼ର ସଲ୍ମାନ୍ ଖାନ୍' ମୁକ୍ତିଲାଭ କରିଥିଲା। ସେଥର ବାବୁସାନ୍‌ଙ୍କ ସିନେମା ଅଧିକ ଆଦୃତ ହୋଇଥିଲା। ବାବୁସାନ୍‌ଙ୍କ ଅଭିନୀତ ଗତବର୍ଷର ରଜ ସିନେମା 'ପାବାର୍' ହିଟ୍ ହୋଇଥିଲା, ତେଣେ ସବ୍ୟସାଚୀଙ୍କ ଶେଷ ମୁକ୍ତିପ୍ରାପ୍ତ ସିନେମା 'ପୁଷ୍କରା'କୁ ବି ଭଲ ଦର୍ଶକୀୟ ସମର୍ଥନ ମିଳିଥିଲା। ଏଥର କ'ଣ ଘଟୁଛି, ତାହା ଉପରେ ସମସ୍ତଙ୍କର ନଜର ରହିଛିୟ। 'ସବୁ ମାୟାରେ ବାୟା', 'ବୋଉ', 'ବାହୁଡ଼ିବେ ମୋ ଜଗାବଳିଆ' ଓ 'ଶ୍ରୀଜଗନ୍ନାଥ' ଭଳି ବ୍ୟାବସାୟିକ ଛବିର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡି ପୁଅ ଅନନ୍ତା'ର କାହାଣୀ ଆଧାରରେ 'ଅନନ୍ତା' ନିର୍ମାଣ କରିଛନ୍ତି। ଅବଶ୍ୟ କୁମାର ସି ଦେବ ମଧ୍ୟ ଏହାର ନିର୍ଦ୍ଦେଶକ। ତେଣେ 'ବୋଉ ବୁଟୁ ଭୂତ' ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି। ସେ ଏହା ପୂର୍ବରୁ 'ଗ୍ୟାଙ୍ଗସ୍ ଅଫ୍ ପୁରୀ' ଭଳି ଲୋକପ୍ରିୟ ୱେବ୍ ସିରିଜ୍ର ଅନ୍ୟତମ ନିର୍ଦ୍ଦେଶକ ଥିଲେ। ସେହିପରି 'ଫାଷ୍ଟ୍ ଲଭ୍' ହେଉଛି ଅଭିଷେକ ମିତ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି। ତେଣୁ ଏଥର ଜଣେ ଅଭିଜ୍ଞ ନିର୍ଦ୍ଦେଶକଙ୍କ ଛବି ସହ ସଂପୂର୍ଣ୍ଣ ନବାଗତ ନିର୍ଦ୍ଦେଶକଙ୍କ ଚଳଚ୍ଚିତ୍ର ବକ୍ସ ଅଫିସ୍ରେ ଲିବ।କଳାକାର ଦମ୍ପତି ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ମଧ୍ୟରେ ବି ଏଥର ରୋଚକ ଲଢ଼େଇ ଦେଖିବାକୁ ମିଳିବ। କାରଣ ଏଥର ଦୁହେଁ ଏକାଠି ଗୋଟିଏ ଛବିରେ ଆସୁନାହାନ୍ତି। ଉଭୟେ ପ୍ରତିପକ୍ଷ ଛବିର ମୁଖ୍ୟ କଳାକାର। 'ବୋଉ ବୁଟୁ ଭୂତ'ରେ ଅର୍ଚ୍ଚିତା ବାବୁସାନ୍‌ଙ୍କ ନାୟିକା ସାଜିଥିବା ବେଳେ ସବ୍ୟସାଚୀ 'ଅନନ୍ତା'ର ନାୟକ। ସବ୍ୟ-ଅର୍ଚ୍ଚିତା ବିବାହ ବନ୍ଧନରେ ବାନ୍ଧି ହେବା ପରେ ପ୍ରଥମଥର ଲାଗି ଏଭଳି ରୋଚକ ସ୍ଥିତି ଉପୁଜିଛି। ଉଲ୍ଲେଖଯୋଗ୍ୟ, ଅର୍ଚ୍ଚିତା 'ଅନନ୍ତା'ର ଅନ୍ୟତମ ପ୍ରଯୋଜିକା ମଧ୍ୟ।କ୍ଷବ୍ୟାସକବି ଫକୀରମୋହନ ସେନାପତିଙ୍କ ସାହିତ୍ୟକୃତି ଉପରେ ଆଧାରିତ କେଣସି ସିନେମା ପ୍ରଥମ ଥର ରଜରେ ରିଲିଜ୍ ହେବ। ।'ଅନନ୍ତା'ରେ ପ୍ରଥମଥର ପାଇଁ ସବ୍ୟସାଚୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ସୂର୍ଯ୍ୟମୟୀ ନଜର ଆସିବେୟ ।ଅନୁଭବଙ୍କ ପତ୍ନୀ ଜାଗୃତି ଓ ବାବୁସାନ୍‌ଙ୍କ ପତ୍ନୀ ତୃପ୍ତିଙ୍କ ପରେ ସବ୍ୟସାଚୀଙ୍କ ଅଭିନେତ୍ରୀ ପ୍ତୀ ଅର୍ଚ୍ଚିତା ସାହୁ 'ଅନନ୍ତା' ଜରିଆରେ ପ୍ରଯୋଜିକା ତାଲିକାଭୁକ୍ତ ହୋଇଛନ୍ତି। ।ପ୍ରଥମ ଥର ପାଇଁ ରଜବଜାରରେ ବାବୁସାନ୍-ଅର୍ଚ୍ଚିତା ଯୋଡ଼ିର ଏକ ସିନେମା ମୁକ୍ତିଲାଭ କରିବ। ଶୈଳେନ୍ଦ୍ର-ଦିବ୍ୟା ଯୋଡ଼ିଙ୍କ କ୍ଷେତ୍ରରେ ବି ଏହା ପ୍ରଯୁଜ୍ୟ। ।'ବୋଉ ବୁଟୁ ଭୂତ'ର କାହାଣୀକାର ମହମ୍ମଦ୍ ଇମ୍ରାନ୍‌ଙ୍କର ଏହା ପ୍ରଥମ ଓଡ଼ିଆ ଛବି। କ୍ଷପ୍ରଥମ ଥର ପାଇଁ ସବ୍ୟସାଚୀ ମହାପାତ୍ରଙ୍କ କୌଣସି ସିନେମା ରଜରେ ରିଲିଜ୍ ହେଉଛି ।ଏଣେ ସବ୍ୟସାଚୀ ମହାପାତ୍ରଙ୍କ ସିନେମାରେ ପ୍ରଥମ ଥର ଲାଗି ସଙ୍ଗୀତ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଛନ୍ତି ଜଣାଶୁଣା ସ୍ୱରକାର ଅଭିଜିତ ମଜୁମ୍ଦାର।

## ଅଦା ପାଣି କମାଏ କୋଲେଷ୍ଟ୍ରଲ



ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ଅଦା ପାଣି ପିଇବା ଆରମ୍ଭ କରନ୍ତୁ । ସକାଳେ ଖାଲି ପେଟରେ ଅଦା ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ।

ଅଦା ପାଣିରୁ ମିଳୁଥିବା ଫାଇଦା :

■ ଅନେକ ଲୋକଙ୍କର ହଜମ ପ୍ରକ୍ରିୟାରେ ଗଡବଡ ହୋଇଥାଏ। ସେ କିଛି ବି ଖାଇଲେ ତାଙ୍କର ପେଟ ଜନିତ ସମସ୍ୟା ଦେଖାଯାଇଥାଏ। ଏହି ଲୋକମାନଙ୍କ ପାଇଁ ଅଦା ପାଣି ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

■ ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ।

■ ଅଦା ପାଣିରେ ଜିଙ୍କର ଏକ ଉତ୍ତମ ଭାଗ ରହିଥାଏ ଯାହା ଶରୀରରେ ଇନସୁଲିନ୍ କ୍ଷରଣ ବଢାଇଥାଏ ଏବଂ ରକ୍ତରେ ସୁଗାର ଲେବଲକୁ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ଅଦା ପାଣି ମଧ୍ୟ ଲାଭଦାୟକ ହୋଇଥାଏ।

■ ଏହା ହୃଦରୋଗର ଚିକିତ୍ସାରେ ମଧ୍ୟ ବ୍ୟବହୃତ ହୁଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦା ପାଣି ସହାୟକ ହୋଇଥାଏ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ।

# ବୁଧବାର ଦିନ ମହିଳାମାନେ କଳାବସ୍ତ୍ର ପିନ୍ଧନ୍ତୁ ନାହିଁ



ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ବୁଧବାର ଦିନଟି ବୁଧଗ୍ରହଙ୍କୁ ସମର୍ପିତ। ବୁଧଗ୍ରହଙ୍କୁ ବୁଦ୍ଧି, ବିବେକ ,ଜ୍ଞାନ ପ୍ରଦାନ କରିଥାଆନ୍ତି ବୋଲି କୁହାଯାଏ। ବୁଧବାର ପ୍ରଭୁ ଗଣେଶଙ୍କୁ ପୂଜା ଓ ବୁଧ ଗ୍ରହଙ୍କୁ ଶାନ୍ତ କରିବା ଦ୍ୱାରା ଜାତକରେ ବୁଧଗ୍ରହ ଉତ୍ତମ ସ୍ଥିତିରେ ରହିଥାଆନ୍ତି। ବିଭିନ୍ନ ସମସ୍ୟା ମଧ୍ୟ ଦୂର ହୋଇଥାଏ। ମାତ୍ର ଏପରି କିଛି କାର୍ଯ୍ୟ ରହିଛି, ଯାହା ବୁଧବାର କରିବା ବର୍ଜନୀୟ। ଜାଣନ୍ତୁ - ବୁଧବାର ଦିନ କରଜ ଦେବା ଅଥବା ନେବା ଉଚିତ ନୁହେଁ। ଏହାଦ୍ୱାରା ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥାଏ। ବୁଧବାର କରଜ ଦେବା ଅଥବା ନେବା ଦ୍ୱାରା ସଫଳତା ମିଳିପାରି ନଥାଏ।

ନିଜର ଦାମ୍ପତ୍ୟ ଜୀବନ ସୁଖମୟ ଓ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ସଧବା ମହିଳାମାନେ ଏହି ଦିନ କଳାବସ୍ତ୍ର ପିନ୍ଧନ୍ତୁ ନାହିଁ। ଏହାସହ କଳାରଙ୍ଗର ଅନ୍ୟାନ୍ୟ ଜିନିଷ ମଧ୍ୟ ବ୍ୟବହାର କରନ୍ତୁ ନାହିଁ।

ବୁଧବାର ଦିନ ଆଦୌ କାହାରିକୁ କଠୋର କଥା କୁହନ୍ତୁ ନାହିଁ। ଅପଶବ୍ଦର ମଧ୍ୟ ବ୍ୟବହାର କରନ୍ତୁ ନାହିଁ। ସମସ୍ତଙ୍କ ସହ ମଧୁର ଶବ୍ଦର ପ୍ରୟୋଗ କରିବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ଲାଭ ଓ ଅନେକ ସମସ୍ୟା ଦୂର ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ।

ବୁଧବାର ଦିନ ପଶ୍ଚିମ ଦିଗକୁ ଯାତ୍ରା କରିବା ଦ୍ୱାରା ସଫଳତା ପ୍ରାପ୍ତି ହୋଇ ନଥାଏ।

ପ୍ରଭୁ ଗଣେଶଙ୍କୁ ପୂଜାର୍ଚ୍ଚନା କରନ୍ତୁ। ଅଧିକ ମୂଲ୍ୟର ଟଙ୍କାକୁ କୌଣସି କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।

# ପକ୍ଷୀତୀର୍ଥ ବେଦଗିରି



ଭଗବାନ ଶିବଙ୍କ ଆଜ୍ଞାକ୍ରମେ ଥରେ ନନ୍ଦୀ ତିନୋଟି ପର୍ବତ ସୃଷ୍ଟି କଲେ। ଏଥିମଧ୍ୟରୁ ଗୋଟିଏ ଥିଲା ବେଦଗିରି । ବେଦଗିରି ଏକ କ୍ଷୁଦ୍ର ପାହାଡ଼ ଥିଲା । ଏବେ ଏହି ପାହାଡ଼ ପାଦଦେଶରେ ଏକ ସହର ରହିଛି, ଯାହାର ନାମ 'ତିରୁକ୍କୁଲୁକ୍କୁନ୍ନମ୍', ଅର୍ଥାତ୍ ପକ୍ଷୀ ତୀର୍ଥ । ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରୁ ୫୬କିମି ଦୂରରେ ଚେଙ୍ଗଲପଟନମ୍ ଷ୍ଟେସନ୍ ରହିଛି । ଏଠାରୁ ୧୪ କିମି ଦୂରତାରେ ରହିଛି ପକ୍ଷୀ ତୀର୍ଥ । ପକ୍ଷୀ ତୀର୍ଥ ଏବଂ ବେଦଗିରି ପର୍ବତ ଏକ ସମତଳ ସ୍ଥାନରେ ରହିଛି । ଏଠାରେ ଦିନ ୧୧ଟାରୁ ଦୁଇଟା ମଧ୍ୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀଗୁଡ଼ିକ କୈଳାସ ପର୍ବତରୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି । ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶ କାଉ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଘନ କଳା ହୋଇଥାଏ। ସ୍ଥାନୀୟ ଲୋକେ ଏହି ପକ୍ଷୀକୁ ଚମରଗିଦ୍ଧା, ମଲଗିଦ୍ଧା ନାମରେ ସମ୍ବୋଧନ କରିଥାନ୍ତି । ଉତ୍ତରଭାରତର ରାଜସ୍ଥାନରେ ସାଧାରଣତଃ ଏଭଳି ପକ୍ଷୀ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି । ଲୋକ ବିଶ୍ୱାସ ଅନୁଯାୟୀ, ଏକ ନିଛାଟିଆ ସ୍ଥାନରେ ଗୁମ୍ଫାଟିଏ ରହିଛି । ସେହି ଗୁମ୍ଫାରେ ଜଣେ ପଣ୍ଡିତ ଅଛନ୍ତି, ସେ ଏହି ପକ୍ଷୀସବୁକୁ ପାଳିଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ପକ୍ଷୀ ଛାଡ଼ିଦେଇଥାନ୍ତି । ଭୋଜନ ଲୋଭରେ ପକ୍ଷୀଗୁଡ଼ିକ ବେଦଗିରି ନିକଟକୁ ଉଡ଼ିଆସନ୍ତି । ଏମାନଙ୍କ ଦ୍ୱାରା ବଳକା ରହିଥିବା ଭୋଜନ ତୀର୍ଥଯାତ୍ରୀ ପ୍ରସାଦ ରୂପରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଏହି ତୀର୍ଥର ନାମ ପକ୍ଷୀତୀର୍ଥ ହୋଇଛି । ପକ୍ଷୀତୀର୍ଥ ନିକଟରେ ରହିଛି ରୁଦ୍ରକୋଟି ଶିବ ମନ୍ଦିର । ଏଠାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କୁ ପୂଜା କରାଯାଇଥାଏ ।

ମା' ପାର୍ବତୀ ଏଠାରେ ଅଭିରାମନାୟକୀ ନାମରେ ପୂଜା ପାଉଛନ୍ତି । ମନ୍ଦିରରେ ଶଙ୍କରତୀର୍ଥ ନାମକ ସରୋବର ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବୃହସ୍ପତି କନ୍ୟା ରାଶିରେ ପ୍ରବେଶ କଲେ ଏହି ସରୋବରରୁ ଏକ ଶଙ୍ଖ ଉତ୍ପନ୍ନ ହୋଇଥାଏ । ସେହିପରି ପକ୍ଷୀତୀର୍ଥ ନିକଟରେ ଥିବା ବେଦଗିରି ପର୍ବତ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ଶିବମନ୍ଦିରରେ ସ୍ୱୟମ୍ଭୁ ଶିବଲିଙ୍ଗ ପୂଜା ପାଉଛନ୍ତି । ମହାଦେବଙ୍କୁ ଏଠାରେ ଶ୍ରୀବେଦଗିରିଶ୍ୱର ନାମରେ ପୂଜା କରାଯାଇଥାଏ । ୫୦୦ଟି ପାହାଚ ଚଢ଼ି ପର୍ବତ ଉପରକୁ ଗଲେ ସ୍ୱୟମ୍ଭୁ ଭଗବାନ ଶିବଙ୍କ ଦର୍ଶନ ମିଳିଥାଏ ।

# ହନୁମାନଙ୍କ ପୂଜାର୍ଚ୍ଚନା ସମୟ

ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା



ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁଙ୍କୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଉଷାକୋଟି ଅଭୟାରଣ୍ୟର ବିକାଶ କରାଯିବ



**ଭୁବନେଶ୍ୱର,୧।୬ (ମହାଭାରତ):** ସମ୍ବଲପୁର ଜମନକିରା ବ୍ଲକ ବଡ଼ରମା ସ୍ଥିତ ଉଷାକୋଠି ଅଭୟାରଣ୍ୟ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିଦର୍ଶନ କରିଛନ୍ତି । ଏହାର ସୁରକ୍ଷା ଏବଂ ବିକାଶ ନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଅଭୟାରଣ୍ୟରେ ଥିବା ନିରୀକ୍ଷଣ ଅଟ୍ଟାଳିକା ଓ ବଡରମା ଠାରେ ଶିକାରୀ ନିରୋଧ ତନଖି ଫାଟକ ଓ ତନଖି ଗୃହ ସହିତ ପର୍ଯ୍ୟଟକ ସୁବିଧା କେନ୍ଦ୍ର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପରିଦର୍ଶନ କରିଥିଲେ। ଏଠାରେ ଥିବା ସମସ୍ୟା ଓ ସମ୍ଭାବନା ନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ସେ କହିଥିଲେ, ବାମରା ବନ୍ୟପ୍ରାଣୀ ବନଖଣ୍ଡ ବଡରମା ବନାଞ୍ଚଳ ଅଧୀନ ଏହି ଅଭୟାରଣ୍ୟରେ ଅନେକ ବନ୍ୟଜନ୍ତୁ ଥିବାବେଳେ ଅନେକ ମୂଲ୍ୟବାନ ବୃକ୍ଷ ସମୂହ ବହୁପରିମାଣରେ ରହିଛି। ଜଙ୍ଗଲ, ଝରଣା, ସବୁଜିମାରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ ହୋଇଛି । ନିରୀକ୍ଷଣ ଅଟ୍ଟାଳିକା ମାଧ୍ୟମରେ ପର୍ଯ୍ୟଟକମାନଙ୍କ ପାଇଁ ନିରାପଦରେ ବନ୍ୟଜନ୍ତୁ ଦେଖିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ଏକ ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟନ ଆମର ସମ୍ପଦ। ଏହି ଅଭୟାରଣ୍ୟର ସୁରକ୍ଷା, ଅବାଧ ଶିକାରକୁ ରୋକିବା, ପର୍ଯ୍ୟଟକଙ୍କ ସୁବିଧା ବଢାଇବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଉଷାକୋଠି ଅଭୟାରଣ୍ୟର ବିକାଶ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ କେନ୍ଦ୍ର ସରକାର ସହଯୋଗୀ ହେବେ ବୋଲି ସେ କହିଛନ୍ତି।

ଉଷାକୋଠି ଅଭୟାରଣ୍ୟରେ ଥିବା କୁତବ ଗ୍ରାମର ସ୍ଥାନୀୟ ଲୋକମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ବିଷୟରେ ଆଲୋଚନା କରିଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଥିଲେ ଏହି ଅଞ୍ଚଳରେ ଜଙ୍ଗଲ ବିଭାଗ ନିୟମ ପାଇଁ ରାସ୍ତା ହୋଇପାରିନଥିବା ବେଳେ କିପରି ନୀତିଦିନିଆ। ରାସ୍ତା ତିଆରି କରାଯିବ, ତାହାର ବ୍ୟବସ୍ଥା କରାଯିବ। ପିଲାମାନଙ୍କୁ ଶିକ୍ଷା ସହ ଲୋକମାନଙ୍କ ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଗମନାଗମନ ଏବଂ ଆନୁଷଙ୍ଗିକ ମୌଳିକ ବ୍ୟବସ୍ଥା ଯୋଗାଇ ଦେବା ନେଇ ଯୋଜନା କରିବା ଉପରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଏହି ଅଞ୍ଚଳରେ ଲୋକଙ୍କ ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା କରିବା ପାଇଁ ମଧ୍ୟ ସେ ବନବିଭାଗକୁ ପରାମର୍ଶ ଦେଇଥିଲେ। ଅଭୟାରଣ୍ୟ ପରିସରରେ ଥିବା ଲୋକଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବା ସହ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ସରକାର ବଦ୍ଧ ପରିକର।

# ଜାକର୍ତ୍ତାରେ 'ବିଜୁ ହଲ' ଉଦ୍‌ଘାଟିତ

**ଭୁବନେଶ୍ୱର,୧।୬ (ମହାଭାରତ):** ଅପରେଶନ ସିନ୍ଦୂରର ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳର ସଦସ୍ୟ ତଥା ଭାଜପା ଏମ୍ପି ଅପରାଜିତା ଷଡଙ୍ଗୀ ଶନିବାର ଜାକର୍ତ୍ତାରେ ଭାରତୀୟ ଦୂତାବାସର 'ବିଜୁ ହଲ' ଉଦଘାଟନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦକ୍ଷିଣ-ପୂର୍ବ ଏସୀୟ ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ପାଇଁ ବିଜୁ ପଟ୍ଟନାୟକ ସର୍ବୋଚ୍ଚ ନାଗରିକ ପୁରସ୍କାର 'ବିନ୍ତାଙ୍ଗ ଜସା ଉତାମା' ଏବଂ ଇଣ୍ଡୋନେସିଆର ସମ୍ମାନଜନକ ନାଗରିକତା 'ଭୂମି



କରିଛନ୍ତି। ଏହାସହ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ଓଡ଼ିଆ। ନେତା ବିଜୁ ପଟ୍ଟନାୟକଙ୍କ ସ୍ମାରକୀ ଫଳକ ଉନ୍ମୋଚନ କରିଛନ୍ତି। ଅପରାଜିତାଙ୍କ 'ବିଜୁ ହଲ' ଉଦଘାଟନକୁ ନେଇ ରାଜନୈତିକ ମହଲରେ ପୁତ୍ର' ସମ୍ମାନ ପାଇଛନ୍ତି। ଏହାସହ ଅପରାଜିତା ତାଙ୍କ ଗସ୍ତ ସମୟରେ ଓଡ଼ିଆ। ସମାଜର ସଦସ୍ୟମାନଙ୍କ ସହିତ ଆଲୋଚନା କରିଛନ୍ତି। ଭାଜପା ଏମ୍ପି ଜେଡି(ୟୁ) ଏମ୍ପି ସଞ୍ଜୟ କୁମାର ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧିମଣ୍ଡଳୀର ଏକ ଅଂଶ ଅଛନ୍ତି ଅପରାଜିତା।

# ୧୨ରୁ ଆବୁଧାବିକୁ ଉଡିବ ବିମାନ



**ଭୁବନେଶ୍ୱର,୧।୬ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରୁ ୟୁଏଇ ରାଜଧାନୀ ଆବୁଧାବି ସହ ସଂଯୋଗ ହେବ ବିମାନ ସେବା । ଆସନ୍ତା ଜୁନ୍ ୧୨ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ସିଧା ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ରାଜଧାନୀ ଆବୁଧାବିକୁ ବିମାନ ଉଡ଼ିବ। ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକ୍ ଓ କୁଆଲାଲାମ୍ପୁର ପରେ ଏବେ ଓଡିଶା ବିମାନ ଯାତ୍ରାରେ ଏବେ ଆଉ ଏକ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ତେବେ ଆସନ୍ତା ଜୁନ୍ ୧୨ରେ ରାଜ୍ୟରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଏହି ବିମାନଯାତ୍ରାର ଶୁଭାରମ୍ଭ ହେବ।

ରାଜ୍ୟ ସରକାରଙ୍କ ସୂଚନା ମୁତାବକ, ଭୁବନେଶ୍ୱରରୁ ଦୈନିକ ହାରାହାରି ୪ଟି ବିମାନ ବିଦେଶକୁ ଚଳାଚଳ କରୁଛି। ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକ ଓ କୁଆଲାଲାମ୍ପୁରକୁ ବିମାନ ସେବା ଜାରି ରହିଛି। ୨୦୨୩-୨୪ ବର୍ଷରେ କୁଆଲାଲାମ୍ପୁରକୁ ବିମାନ ସେବା ବନ୍ଦ ଥିଲା । ସପ୍ତାହକୁ ୩ ଥର ଦୁବାଇ, ୨ଥର ସିଙ୍ଗାପୁର ଓ ବ୍ୟାଙ୍କକୁ ବିମାନ ଯାତାୟାତ କରୁଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ, ଇଣ୍ଡିଗୋର ଏହି ନୂଆ। ବିମାନ ସେବା ସପ୍ତାହକୁ ୩ ଦିନ (ମଙ୍ଗଳବାର, ଗୁରୁବାର ଓ ଶନିବାର) ଭୁବନେଶ୍ୱରରୁ ଆବୁଧାବିକୁ ଚଳାଚଳ କରିବ। ଗତ ଜାନୁଆରୀ ମାସରୁ ଏଯାବ୍ ପ୍ରାୟ ୯ଟି ନୂଆ। ସହରକୁ ବିମାନ ସେବା ଆରମ୍ଭ ହୋଇଛି। ଭୁବନେଶ୍ୱରରୁ ରାଜସ୍ଥାନର ଜୟପୁର, କେରଳର କୋଚି ସମେତ ଲକ୍ଷ୍ନୌ, ପାଟନା, ଡେରାଡୁନ୍, ଇନ୍ଦୋର, ଗୋଆକୁ ବିମାନ ଚଳାଚଳ ହେଉଛି। ମାର୍ଚ୍ଚ ୩୦ ତାରିଖରୁ ଭୁବନେଶ୍ୱରରୁ ଉତ୍ତରପ୍ରଦେଶର ଗାଜିଆବାଦ୍ ଓ ଆଣ୍ଡମାନ ନିକୋବରର ରାଜଧାନୀ ପୋର୍ଟବ୍ଲେୟାରକୁ ସବୁଦିନ ଏୟାର ଇଣ୍ଡିଆ। ଏକ୍ସପ୍ରେସର ବିମାନ ଚଳାଚଳ କରୁଛି । ଆଉ ଏବେ ଜୁନ୍ ୧୨କୁ ଆବୁଧାବି ସହ ସିଧା ଯୋଡି ହେବାକୁ ଯାଉଛି ଓଡିଶା।

# ଓଡ଼ିଶା ମେଲୋଡ଼ି ଆସୋସିଏସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧।୬ (ମହାଭାରତ):** ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ, ଏ ପୃଥିବୀକୁ ପରିବେଶ ପ୍ରଦୂଷଣ ଜନିତ ଭୟାଭୟତାରୁ ରକ୍ଷାକରି ଏକ ସନ୍ତୁଳିତ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜକୁ ବାର୍ତ୍ତା ଦିଆଯିବାର ଉଦ୍ଦେଶ୍ୟରେ ଓଡ଼ିଶା ମେଲୋଡି ଆସୋସିଏସନ (ଓମା) ତରଫରୁ ଭୁବନେଶ୍ୱରସ୍ଥିତ ୟୁନିଟ୍-୮, କଲ୍ୟାଣମଣ୍ଡମ ଛକଠାରେ ପ୍ରାୟ ୬୦ ଗୋଟି ବିଭିନ୍ନ ପ୍ରକାରର ବୃକ୍ଷରୋପଣ ୟୁନିଟ-୮, ଏଚଡିଏଫସି ବ୍ୟାଙ୍କ ଛକଠାରୁ ଡିଏଭି ସ୍କୁଲ ଛକ ପର୍ଯ୍ୟନ୍ତ କରାଯାଇଥିଲା।




ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମଟିକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ମଧ୍ୟ ବିଧାୟକଙ୍କ ପ୍ରତିନିଧି ମିଳନ ପାଇକରାୟ, ଓମାର ସାଧାରଣ ସମ୍ପାଦକ ଲୁଲୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଜୟ କୁମାର କର, ପଙ୍କଜ ମହାନ୍ତି, ପ୍ରଦୀପ କ୍ରିଷ୍ଣା, ତାପସ ରାଜଙ୍କ ସହ ଓମାର ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ। ଆଗାମୀ ଦିନରେ ଓମା ତରଫରୁ ସମାଜର ଉନ୍ନତି ଦିଗରେ ଅନେକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଓମାର କାର୍ଯ୍ୟକାରୀ ସଭାପତି ଅଜୟ କୁମାର କର ସୂଚନା ଦେଇଥିଲେ।

# ଭିଏତନାମରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ନେତୃତ୍ୱ ନେବେ ରାଜ୍ୟପାଳ

**ଭୁବନେଶ୍ୱର,୧।୬ (ମହାଭାରତ):** ଆଗାମୀ ଜୁନ ୨ ତାରିଖରେ ଭାରତରୁ ଭିଏତନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବେ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ଏହି ଉଦ୍ଦେଶ୍ୟରେ ରାଜ୍ୟପାଳ ଶୁକ୍ରବାର ନୂଆଦିଲ୍ଲୀରୁ ଭିଏତନାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବ୍ୟାପୀ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ଗଭୀର ଆଧାତ୍ମିକ ଗୁରୁତ୍ୱ ବହନ କରୁଥିବା ପବିତ୍ର ଅବଶେଷଗୁଡ଼ିକୁ ଭାରତରୁ ଭିଏତନାମକୁ ଜାତିସଂଘ ଭେଶକ ଦିବସ ଉତ୍ସବ ଅବସରରେ ପ୍ରଦର୍ଶନ ପାଇଁ ନିଆଯାଇଥିଲା, ଯାହା ପ୍ରତିବର୍ଷ ମେ' ମାସ ପୂର୍ଣ୍ଣିମାରେ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ଏବଂ ଇହଲୀଳା ସମ୍ବରଣକୁ ସ୍ମରଣ କରିବା ପାଇଁ ପାଳନ କରାଯାଏ। ଏହି ଅବଶେଷଗୁଡ଼ିକ ୨୦୨୫ ମଇ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଭେଶକ ଉତ୍ସବ ଅବସରରେ ଭିଏତନାମରେ ପ୍ରଦର୍ଶିତ ହୋଇଥିଲା। ବର୍ତ୍ତମାନ ଏହା ସେହି ଦେଶରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେଉଛି। ଇଂଟରନ୍ୟାସନାଲ ବୁଦ୍ଧିଷ୍ଟ କନ୍‌ଫିଡେରେସନ ସହଯୋଗରେ ମହାବୋଧି ସୋସାଇଟି ଅଫ ଇଣ୍ଡିଆ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ୍ ମ୍ୟୁଜିୟମ୍ ଦ୍ୱାରା ଏହି ଅବଶେଷଗୁଡ଼ିକ ଯୋଗାଇ ଦିଆଯାଇଛି। ଭଗବାନ ବୁଦ୍ଧ ତାଙ୍କର ଧର୍ମ ପ୍ରଚାର କରିଥିବା ପ୍ରଥମ ସ୍ଥାନ ସାରନାଥରୁ ଅବଶେଷକୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭିଏତନାମକୁ ନିଆଯାଇଥିଲା। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜକୁ, ଆନ୍ଧ୍ର ପ୍ରଦେଶର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ କାଣ୍ଡୁଲା ଦୁର୍ଗେଶ, ପୂଜ୍ୟ ଭିକ୍ଷୁ ଏବଂ ବରିଷ୍ଠ ଭାରତୀୟ ଅଧିକାରୀମାନେ ପବିତ୍ର ଅବଶେଷ ସହ ଯାଇଥିଲେ। ଏତଦ୍‌ବ୍ୟତୀତ ଏକ ଭାରତୀୟ ସାଂସ୍କୃତିକ ଦଳ ଶାକ୍ୟ ମୁନି ବୁଦ୍ଧଙ୍କ ଜୀବନ ଏବଂ ଶିକ୍ଷାକୁ ଚିତ୍ରଣ କରି ନୃତ୍ୟ ନାଟକ "ଗୌତମ ବୁଦ୍ଧଙ୍କ ଜୀବନ ଯାତ୍ରା" ପରିବେଷଣ ପାଇଁ ଭିଏତନାମ ଯାତ୍ରା କରିଥିଲେ। ଚଳିତ ମଇ ୫ ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋ ଚି ମିନ୍ ସିଟି, ତାଏ ନିନ୍, ହାନୋଇ ଏବଂ ଅନ୍ୟାନ୍ୟ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜୁନ୍ ୨ ତାରିଖ ଦିନ ପ୍ରଦର୍ଶନୀ ଶେଷ ହେବା ପରେ ଡା ନାଙ୍ଗ ସିଟିରୁ ପବିତ୍ର ଅବଶେଷକୁ ସ୍ୱତନ୍ତ୍ର ବିମାନ ଯୋଗେ ଭାରତକୁ ଅଣାଯିବ।

ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଫେରାଇ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ଭିଏତନାମ ଯାତ୍ରା ପୂର୍ବରୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ଯେ, "ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ସହିତ ଭାରତକୁ ଫେରିବା ଏକ ମହାନ ସମ୍ମାନର ବିଷୟ। ଏହି ଆଧାତ୍ମିକ ଯାତ୍ରା ଭିଏତନାମ ସହିତ ଆମର ସହଭାଗୀ ସଭ୍ୟତା ଐତିହ୍ୟକୁ ପ୍ରତିଫଳିତ କରେ । ଭାରତ ଭିଏତନାମ ସହିତ ଥିବା ଏହାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧାତ୍ମିକ ସଂପର୍କକୁ ଗଭୀର ଭାବେ ଗୁରୁତ୍ୱ ଦେଇଥାଏ ବୋଲି ରାଜ୍ୟପାଳ କହିବା ସହିତ ତାଙ୍କର ଗସ୍ତ ସମୟରେ ଆୟୋଜିତ କାର୍ଯ୍ୟକ୍ରମ ସହିତ ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଭାରତ ଫେରିବା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସ୍ଥାୟୀ ବନ୍ଧୁତାକୁ ସୁଦୃଢ଼ କରିବ।

# କୃଷି ଅଧିକାରୀଙ୍କୁ ଅର୍ଥନୈତିକ ବିଶ୍ଳେଷଣ ପ୍ରଶିକ୍ଷଣ

**ଭୁବନେଶ୍ୱର,୧।୬ (ମହାଭାରତ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଓ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଓଉଚଜଓ)ର ମିଳିତ ଆନୁକୂଲ୍ୟରେ, ତଥ୍ୟ ବ୍ୟାଖ୍ୟା ଏବଂ ଅର୍ଥନୈତିକ ଫଳାଫଳ ବିଶ୍ଳେଷଣ ଉପରେ କ୍ଷମତା ସୁଦୃଢ଼ୀକରଣ ତାଲିମ ଶୀର୍ଷକ ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଦୁଇ ଦିନିଆ। ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ବିଭାଗୀୟ ଅଧିକାରୀ ଏବଂ ଅଂଶୀଦାରମାନଙ୍କୁ କୃଷି ନୀତି ପ୍ରଣୟନ ଏବଂ କ୍ଷେତ୍ର-ସ୍ତରୀୟ ଯୋଜନାରେ ସଂଯୋଜିତ କରିବା। ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଆନୁଷ୍ଠାନିକ ଭାବରେ ଉଦଘାଟନ କରି କହିଥିଲେ ଯେ, ଯୋଜନା ଏବଂ ମୂଲ୍ୟାଙ୍କନ ପାଇଁ ତଥ୍ୟର ଉପଯୋଗ ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ। ଫଳ ପ୍ରଦାନ କରିବା ଆରମ୍ଭ କରିସାରିଛି, ଏବଂ ଏହି ଗତିକୁ ବଜାୟ ରଖିବା ପାଇଁ ଏପରି ତାଲିମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଶିକ୍ଷଣରେ କୃଷି ଉପନିର୍ଦ୍ଦେଶକ ଡ. ସଂଗ୍ରାମ କେଶରୀ ପଟ୍ଟନାୟକ ଓ କୃଷି ସହକାରୀ ନିର୍ଦ୍ଦେଶକ ଶ୍ରୀ ନଗେନ କୁମାର ମଲ୍ଲିକ ଯୋଗ ଦେଇ କହିଥିଲେ ଯେ, ଚାଷୀମାନଙ୍କୁ ସେବା ପ୍ରଦାନରେ ନବସୃଜନ, ଉତ୍ତରଦାୟିତ୍ୱ ଏବଂ ପ୍ରତିକ୍ରିୟାଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଆଭ୍ୟନ୍ତରୀଣ ତଥ୍ୟ କ୍ଷମତାକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ତାଲିମରେ ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁଥିରେ ପ୍ରଦାନ, ସମଗ୍ର, ଆକ୍ସିସ୍ ଡେଭଲପମେଣ୍ଟ ସର୍ଭିସେସ୍, ସେଣ୍ଟର ଫର ସଷ୍ଟେନେବଲ୍ ମାର୍କେଟ୍ସ ନିରୁଥି ଏବଂ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜନେସ୍ ଭଳି ପ୍ରମୁଖ ସଂସ୍ଥାର ପ୍ରତିନିଧିମାନେ ସାମିଲ ଥିଲେ। ଏହି ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣରେ ଘଝଝଙ, କୃଷି ଜନଗଣନା, ଏବଂ ପିଏଲଏଫ୍‌ଏସ୍ ପରି ଡାଟାସେଟ୍ ଏବଂ ଏକ୍ସଲ, ଷ୍ଟେଟଏବଂ ପାଇଥନ୍ ଭଳି ଉପକରଣ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ, ଭିଜୁଆଲାଇଜେସନ୍ ଏବଂ କୃଷି ନୀତି ମୂଲ୍ୟାଙ୍କନ, ଏହାର ବ୍ୟବହାରିକ ପ୍ରୟୋଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞଙ୍କ, ତାଲିମ କେବଳ ଧାରଣାଗତ ସ୍ପଷ୍ଟତା ନୁହେଁ ବରଂ ଅଧିକାରୀମାନଙ୍କୁ ଯାହା ଶିଖିଛନ୍ତି ନିଜ ନିଜ କ୍ଷେତ୍ରରେ ସେମାନେ ତାହାର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଅଧିବେଶନ ଶେଷରେ ପ୍ରମାଣପତ୍ର ବଣ୍ଟାଯିବା ସହିତ କୃଷିରେ ନେତୃତ୍ୱ ନେଇ ଅର୍ଥନୀତିକୁ ଆଗେଇ ନେବା ପାଇଁ ନିରନ୍ତର ପ୍ରୟାସ କରିବାକୁ ପ୍ରୋତ୍ସାହିତ କରାଯାଇଛି।

# ୫ ବର୍ଷ ଅଭିଜ୍ଞତା ନଥିଲେ ଆମ ବସ୍ ଡ୍ରାଇଭିଂ ମନା

**ଭୁବନେଶ୍ୱର,୧।୬ (ମହାଭାରତ):** ଗତ କିଛି ଦିନ ହେବ ଆମ ବସ୍ ଦ୍ୱାରା ଅନେକ ଦୁର୍ଘଟଣା ଘଟିଛି। ଫଳରେ ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଛି। ଏନେଇ



ବାରମ୍ବାର ଅଭିଯୋଗ ମଧ୍ୟ ହୋଇଆସୁଥିଲା। ଫଳରେ ଆମ ବସ୍ ଦୁର୍ଘଟଣା ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି କୁଟ। ଏଣିକି ସବୁ ଡ୍ରାଇଭରଙ୍କର ଦକ୍ଷତା ଯାଞ୍ଚ କରାଯିବ। ୫ ବର୍ଷରୁ ଅଧିକ ଅଭିଜ୍ଞତା ନଥିବା ଡ୍ରାଇଭରଙ୍କୁ ନିଯୁକ୍ତି ନଦେବାକୁ ନିଷ୍ପତ୍ତି ନିଆଯାଇଛି। ଆମ ବସ ଦ୍ୱାରା ବାରମ୍ବାର ଦୁର୍ଘଟଣାକୁ ନେଇ ଚାରିଆଡ଼େ ଲୋକଙ୍କ ଅସନ୍ତୋଷ ବିବାରେ ଲାଗିଛି। ଆମ ବସ ଚାଳକଙ୍କ ବେପରୁଆ। ଡ୍ରାଇଭିଂ ଓ ଦୁର୍ଘଟଣା ଉପରେ ରୋକ ଲଗାଇବାକୁ କୁଟର ପରିଚାଳନା ନିର୍ଦ୍ଦେଶକ ଏନ୍ ଥିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ବରିଷ୍ଠ ଅଧିକାରୀ ମାନେ ସାମିଲ ଥିଲେ। ଆମ ବସ ଦୁର୍ଘଟଣାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଶିକ୍ଷଣକୁ ଜୋରଦାର କରାଯିବା ସହ ଡ୍ରାଇଭର ନିଯୁକ୍ତିକୁ କଡାକଡି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଣିକି ଆଉ ମନଇଚ୍ଛା ଡ୍ରାଇଭରମାନଙ୍କୁ ଏଜେନ୍ସି ନିଯୁକ୍ତି ଦେଇ ପାରିବେ ନାହିଁ। ଏଥିପାଇଁ ୫ ବର୍ଷର ଅଭିଜ୍ଞତାକୁ କଡ଼ାକଡ଼ି କରାଯାଇଛି। ଖଣ୍ଡଗିରି ଛକରେ ଦୁଇ ଦିନ ତଳେ ଆମ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଲୋକେ ମୋ ବସ୍ ଭାଙ୍ଗିଥିଲେ। ଖାଲି ଏତିକି ନୁହେଁ, ୩ ମାସରେ ୫ରୁ ଅଧିକ ଲୋକଙ୍କ ଜୀବନ ଆମ ବସ୍ ଚକା ତଳେ ଗଲାଣି। ଏହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ଛାତ୍ରଛାତ୍ରୀଙ୍କ ଯାତାୟତ ଖର୍ଚ୍ଚ ମାଗଣା କରାଯାଉ

**ଭୁବନେଶ୍ୱର,୧।୬ (ମହାଭାରତ):** ଯାତାୟତ ପରିବହନ ବ୍ୟବସ୍ଥାମାନବସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଅଟେ। କିନ୍ତୁ ଏହା ଛାତ୍ର ସମାଜକୁ ଅତ୍ୟନ୍ତ ପ୍ରଭାବିତ କରିଛି। ଗରିବ ଏବଂ ମଧ୍ୟବିତ ଛାତ୍ରଛାତ୍ରୀ ମାନଙ୍କୁ ଏ ବ୍ୟବସ୍ଥାରେ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଜଣେ ଛାତ୍ର କିମ୍ବା ଜଣେ ଛାତ୍ରୀ ବସ କିମ୍ବା ରେଳ ମାଧ୍ୟମରେ ଗୋଟିଏ ପରୀକ୍ଷା ଦେବାପାଇଁ ଦୂର ଦୂରନ୍ତକୁ ଯିବାକୁ ହେଲେ ତାକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କେବଳ ସେତିକି ନୁହେଁ। ନିଜ ଅଞ୍ଚଳରୁ ସହରାଞ୍ଚଳକୁ ଗୋଟିଏ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ନିମନ୍ତେ ଆସିବାପାଇଁ ଜଣେ ଛାତ୍ର



କିମ୍ବା ଛାତ୍ରୀଙ୍କୁ ବସ ଭଡ଼ା ଏବଂ ରେଳଭଡ଼ା ଦେଇ ଆସିବାକୁ ପଡ଼ିଥାଏ। ଜଣେ ମଧ୍ୟମ ଏବଂ ଗରୀବ ଶ୍ରେଣୀର ଛାତ୍ର ଓ ଛାତ୍ରୀଙ୍କୁ ଏହି ନିତି ଦିନିଆ ଭଡ଼ା ଦେଇ ଯିବା ଆସିବା କରିବା ସମ୍ଭବପର ନୁହେଁ। ଆଜିର ଛାତ୍ରସମାଜ ଆସନ୍ତା କାଲିର ଦେଶ ଏବଂ ରାଜ୍ୟର ଭବିଷ୍ୟତ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାଉଚିତ। ଏହି କ୍ଷେତ୍ରରେ ଛାତ୍ର କଂଗ୍ରେସର ଦାବି ହେଉଛି ରାଜ୍ୟରେ ସରକାରୀ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଯାତାୟତ ବ୍ୟବସ୍ଥାକୁ ସଂପୂର୍ଣ୍ଣ ମାଗଣା କରାଯାଉ ଏବଂ ବେସରକାରୀ କ୍ଷେତ୍ରରେ ୫୦ ପ୍ରତିଶତ ଛାଡ଼ କରାଯାଉ। ଆସନ୍ତା ଜୁନ ମାସ ୧୦ ତାରିଖସୁଦ୍ଧାରାଜ୍ୟରେଏହି ନୀୟମଲାଗୁକରାନ ଗଲେ ଛାତ୍ର କଂଗ୍ରେସ ରାଜ୍ୟର କୋଣ ଅନୁକୋଣରେ ଏହି ଦାବିକୁ ନେଇ ରାଜ୍ୟ ସରକାର ବିରୁଦ୍ଧରେ ରବିକ୍ଷୋଭକରିବ ବୋଲି ରାଜ୍ୟ ଛାତ୍ରକଂଗ୍ରେସ ସଭାପତି ଶ୍ରୀ ଉଦିତ ନାରାୟଣ ପ୍ରଧାନ ଆଜି କଂଗ୍ରେସଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟସରକାରଙ୍କୁ ଚେତାବନୀ ଦେଇଛନ୍ତି। ପୂର୍ବତନ ରାଜ୍ୟଛାତ୍ରକଂଗ୍ରେସସଭାପତି ସୟଦ ୟାସିର ନୱାଜ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ମଧ୍ୟ ଏହିସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତରହି ନିଜମତ ପ୍ରକାଶ କରିଛନ୍ତି।

ମହାଭାରତ

ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ



# ଶିକ୍ଷାରେ ଜାଲିଆତି

କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ। ଯେଉଁମାନେ ନକଲି ସାର୍ଟିଫିକେଟରେ ଚାକିରୀ କରିଛନ୍ତି, ସେମାନଙ୍କୁ କେବଳ ଗିରଫ ନୁହେଁ, ସେମାନଙ୍କ ସମ୍ପତ୍ତି ନିଲାମ କରାଯିବା ଉଚିତ।

# ପୃଷ୍ଟିଶସ୍ୟ ଏବଂ ଆମ ସ୍ୱାସ୍ଥ୍ୟ

**॥ ମୌଲାନା ଫଜଲ ହକ ଖାଁ ॥**

*ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐରଝ-୫) ରିପୋର୍ଟକୁ ଅନୁଧାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ ।*

ଅପପୃଷ୍ଟି, କୁପୋଷଣ, ରକ୍ତହିନତା ତଥା ମଧୁମେହ ରୋଗରେ ଆମ ଦେଶର ଅର୍ଦ୍ଧାଧିକ ଲୋକ କବଳିତ । ଛୋଟପିଲା, ମହିଳା, ଧନୀ, ଗରିବ କେହି ବାଦ୍ ପଡି ନାହାଁନ୍ତି । ଯେତେ ମାତ୍ରାରେ ରୋଗ ଏବଂ ରୋଗୀଙ୍କ ସଂଖ୍ୟା ବଢିଚାଲିଛି ସେଥିପାଇଁ ସରକାରୀ ଡାକ୍ତରଖାନା ପର୍ଯ୍ୟାପ୍ତ ନୁହେଁ, ଫଳରେ ବଢିଚାଲିଛି ବେସରକାରୀ ଡାକ୍ତରଖାନା । ଗୋଟିଏ ପରିବାରର

ଆୟର ୨୦-୨୫ ପ୍ରତିଶତ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହୋଇଯାଉଛି । ଯଦି କ୍ୟାନସର୍ ପରି ଦୂରା ରୋଗ ଆସିଯାଏ ତେବେ ଉକ୍ତ ପରିବାର ତଳିତଳାନ୍ତ ହେଇଯାଉଛନ୍ତି । ବଢି ଚାଲିଛି ବ୍ୟାପାର । ବଢିଚାଲିଛି ମଧୁମେହ ରୋଗୀଙ୍କ ସଂଖ୍ୟା । ରୋଗ ସହନଶୀଳତା ବା ପ୍ରତିରକ୍ଷା ଶକ୍ତି କମି କମି ଯାଉଛି ଯାହାର ଜ୍ୱଳନ୍ତ ଉଦାହରଣ ଆମେ କରୋନା ସମୟରେ ଦେଖିଲେ । ଅନେକ ଗବେଷକଙ୍କ ମତରେ ଆମର ଖାଦ୍ୟ ହେଉଛି ଅନେକ ରୋଗର କାରଣ । ଆମକୁ ଅନୁସଂଧାନ କରିବାକୁ ପଡୁଛି ମାନବ ସମାଜରେ ବଢିଚାଲିଥିବା ରୋଗରୁ କେଉଁ ଖାଦ୍ୟ ବଞ୍ଚାଇ ପାରିବ ? ଏହିପରି ଅନେକ ପ୍ରଶ୍ନ ଉଙ୍କିମାରେ ସଚେତନ ବୁଦ୍ଧିଜୀବି ଏବଂ ନାଗରିକଙ୍କ ମନରେ । ବହୁତ ଆଶ୍ୱସ୍ତି ଲାଗେ ଖବରକାଗଜ ଏବଂ ଟିଭିରେ ଓଡିଶା ସରକାରଙ୍କର ମିଲେଟ୍ ମିଶନ୍ ସମ୍ବନ୍ଧୀୟ ସମ୍ବାଦ ଦେଖିଲେ । ଭାରତ ସରକାରଙ୍କ ପ୍ରଚେଷ୍ଟାରେ ଆଜି ସାରା ଦୁନିଆଁ ପୃଷ୍ଟି ଶସ୍ୟର ଉପକାରିତାକୁ ହୃଦ୍‌ବୋଧ କରି ୨୦୨୩ ମସିହାକୁ ଆନ୍ତର୍ଜାତୀୟ ପୃଷ୍ଟିଶସ୍ୟ ବର୍ଷରୂପେ ପାଳନ କରିବା ନିମନ୍ତେ ଆହ୍ୱାନ କରିଛନ୍ତି । ଏହା ସହିତ ଖୁସିର ବିଷୟ ହେଉଛି ଦୀର୍ଘ ୨୫ ବର୍ଷ ଧରି ପୃଷ୍ଟି ସ୍ୱାସ୍ଥ୍ୟଗତ ଉପକାରିତା ଉପରେ ଗବେଷଣା ତଥା ସଚେତନତା କରିଆସୁଥିବା ଡ. ଖାଦର ଭାଲିଙ୍କୁ ଭାରତ ସରକାର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରିବା ପାଇଁ ଘୋଷଣା କରିଛନ୍ତି ।

ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐରଝ-୫) ରିପୋର୍ଟକୁ ଅନୁଧାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ । ଏହିପରି ଗମ୍ଭୀର ପରିସ୍ଥିତିକୁ ମୁକାବିଲା କରିବାକୁ ହେଲେ ଆମ ପ୍ଲେଟରେ ଥିବା ଖାଦ୍ୟଶସ୍ୟକୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ । ଆମ ଦୈନନ୍ଦିନ ଖାଦ୍ୟରେ ଧାନ, ଗହମ, ମକା ଭଳି ପ୍ରଧାନ ଖାଦ୍ୟର ବିକଳ୍ପ ହିସାବରେ ପୃଷ୍ଟିଶସ୍ୟକୁ ପ୍ରମୁଖ ଖାଦ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ବଢିଯାଇଛି । ଅନୁସଂଧାନରୁ ଜଣାପଡିଛି ଯେ ଧାନ, ଗହମ, ମକା ପରିବର୍ତ୍ତେ ବାଜରା, ମାଣ୍ଡିଆ, କାଙ୍ଗୁ, କୋଦ, ସୁଆଁ ଏବଂ ଜଅର ଅପପୃଷ୍ଟି ରୋକିବାରେ ସହାୟକ ହେଉଥିବା ବେଳେ ମଧୁମେହ ଭଳି ରୋଗକୁ ମୁକାବିଲା କରିବା ନିମନ୍ତେ ସମର୍ଥ ଅଟେ । ସାଧାରଣ ଲୋକଙ୍କ ଅବଗତ ନିମନ୍ତେ ସୂଚିତ କରାଯାଇ ପାରେ ଯେ ଉପରୋକ୍ତ ପାଞ୍ଚ ପ୍ରକାର ପୃଷ୍ଟିଶସ୍ୟରେ ଭରପୂର ରହିଛି ପୃଷ୍ଟିସାର, ଜିବନିକା, ଖଣିଜ ଲବଣ, ଲୌହ ତଥା କ୍ୟାଲସିୟମ୍ । ବାଜରାରେ ଅଧିକ ପରିମାଣରେ ଲୌହ ଏବଂ କ୍ଷୀର ଠାରୁ ଦୁଇଗୁଣ ଅଧିକ ସ୍ନେହସାର ରହିଅଛି । ତେଣୁ ଏହା ଏକ ଅତ୍ୟନ୍ତ ପୁଷ୍ଟିକର ଖାଦ୍ୟ । ସେହିଭଳି ମାଣ୍ଡିଆରେ ମଧ ଭରପୂର ଭାବେ କ୍ୟାଲସିୟମ୍ ରହିଅଛି ।



କୋଦରେ ଗହମ ଏବଂ ମକା ଅପେକ୍ଷା ଅଧିକ ମାତ୍ରାରେ ତନ୍ତୁ ରହିଥାଏ ଫଳରେ ହଜମ କରିବାରେ ସହାୟକ ହୋଇଥାଏ । ଏଇ ସମସ୍ତ ଖାଦ୍ୟ ଶସ୍ୟରେ କମ୍ ମାତ୍ରାରେ ଗ୍ଲାଇସେମିକ୍ ଥିବାରୁ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟକ ଆନ୍ତର୍ଜାତିକ ପୃଷ୍ଟିଶସ୍ୟବର୍ଷ ଉପକ୍ଷେକ୍ଷ ହୋଇଥାଆନ୍ତି । ଗ୍ଲାଇସେମିକ୍ ଇନଡେକ୍ସ ଏକ ସୂଚନାଙ୍କ ଯାହାଦ୍ୱାରା ଆମେ ଖାଉଥିବା ଖାଦ୍ୟରେ ଥିବା ଶ୍ୱେତସାର ଆମ ଶରୀରରେ ବ୍ଲଡସୁଗାରକୁ କିପରି ପ୍ରଭାବିତ କରିଥାଏ ତାହା ଆମେ ଜାଣିପାରିବା । ଗ୍ଲାଇସେମିକ୍ ଇନଡେକ୍ସ ୧ ରୁ ୧୦୦ ମଧ୍ୟରେ ସୂଚିତ କରେ । ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲାଇସେମିକ୍ ଇନଡେକ୍ସ ଯଥାକ୍ରମେ ୬୮ ଏବଂ ୬୨ ଥାଏ । ଯଦି ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟ ମିଶାଯାଏ ତେବେ ଗ୍ଲାଇସେମିକ୍ ଇନଡେକ୍ସ ୭୫ ରୁ ୮୭ ପର୍ଯ୍ୟନ୍ତ ବଢିଯାଏ । ପୃଷ୍ଟିଶସ୍ୟ ଗୁଡିକର ଗ୍ଲାଇସେମିକ୍ ଇନଡେକ୍ସ ହେଉଛି ୫୨ ଯାହାକି ଚାଉଳ ଏବଂ ଅଟା ଠୁ କମ୍ ଅଟେ । ପୃଷ୍ଟିଶସ୍ୟରେ ଥିବା ତନ୍ତୁ ଆମକୁ ସୁସ୍ଥ ରଖିବା ସହିତ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ପୃଷ୍ଟିଶସ୍ୟ ଥିବା ତନ୍ତୁ ଦୁଇ ପ୍ରକାରର ଯଥା ରକ୍ତରେ ମିଶିପାରୁଥିବା ତନ୍ତୁ ଏବଂ ରକ୍ତରେ ମିଶିପାରୁ ନଥିବା ତନ୍ତୁ । ପାଚନ ହୋଇ ରକ୍ତରେ ମିଶି ପାରୁଥିବା ତନ୍ତୁ ପ୍ରୋବାଇଓଟିକ୍ ହିସାବରେ କାମ କରେ ଏବଂ ଏଥିରେ ଉପକାରୀ ଜୀବାଣୁ ଗୁଡିକ ବଢିଥାନ୍ତି । ହଜମ ହୋଇପାରୁନଥିବା ତନ୍ତୁର ମଧ ଉପାଦେୟତା ଅଛି । ଏହି ତନ୍ତୁ ମଳକୁ କଠିନ ହେବାକୁ ଦେଇ ନଥାଏ ଏବଂ ପୃଷ୍ଟିଶସ୍ୟ ଖାଇବା ଦ୍ୱାରା ମଳଗହ୍ୱର କର୍କଟ ରୋଗର ଆଶଙ୍କା କମ୍ ରହିଥାଏ ।

ପୃଷ୍ଟିଶସ୍ୟରେ ହଜମ ହୋଇପାରୁଥିବା ତନ୍ତୁ କ୍ଷତିକାରକ ଟ୍ରାଇଗ୍ଲିସେରାଇଟ୍‌ର ମାତ୍ରା କମାଇଥାଏ ଏବଂ ଆମ ହୃତପିଣ୍ଡକୁ ସୁସ୍ଥ ରଖିବାରେ ସାହାର୍ଯ୍ୟ କରେ । ପୃଷ୍ଟିଶସ୍ୟ କୁ ଆହାର ହିସାବରେ ଗ୍ରହଣ କରିବା ର ମୂଳଲକ୍ଷ୍ୟ ହେଉଛିଯେ ଆମେ ସୁସ୍ଥ ରହିବା ଏବଂ ବିଭିନ୍ନ ରୋଗକୁ ମୁକାବିଲା କରିପାରିବା । ସ୍ୱାଦିଷ୍ଟ କରିବା ପାଇଁ ପୃଷ୍ଟି ଶସ୍ୟ ପ୍ରସ୍ତୁତ ଖାଦ୍ୟରେ ଅଧିକ ଲୁଣ, ଚିନି ବା ତେଲ ତଥା ରାସାୟନିକ ଫ୍ଲେଭର ବ୍ୟବହାର କରିବା ଅନୁଚିତ, କାରଣ ଏହାଦ୍ୱାରା ପୃଷ୍ଟି ଶସ୍ୟର ପୃଷ୍ଟିଗତ ଗୁଣବତ୍ତା ନଷ୍ଟ ହୋଇଯାଏ । ସେହିପରି ରାସାୟନିକ ସାର ଔଷଧ ଆଦି ପ୍ରୟୋଗ କରି ପୃଷ୍ଟି ଶସ୍ୟ ଚାଷ କରିବା ଅନୁଚିତ । ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କଲେ ପୃଷ୍ଟିଶସ୍ୟର ପୃଷ୍ଟିଗତ ଉପାଦେୟତା ମିଳିପାରିବ । ଏଣୁ ପୃଷ୍ଟିଶସ୍ୟକୁ ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କରାଯାଉ । ଗ୍ରାହକ ମାନେ ଦିନେ ଅଧେ ନୁହେଁ ସବୁଦିନେ ପୃଷ୍ଟିଶସ୍ୟ ପ୍ରସ୍ତୁତ ଖାଦ୍ୟ ଖାଇବା ପାଇଁ ନିଷ୍ପତି ନିଅନ୍ତୁ । ଖୋଲା ହାଟ ବଜାରରେ ପୃଷ୍ଟିଶସ୍ୟର ବିକ୍ରିବଟା ବଢିଲେ ପୃଷ୍ଟିଶସ୍ୟ ଚାଷ କ୍ଷେତ୍ର ବଢିବ ଏବଂ ଚାଷୀମାନେ ଉପକୃତ ହେବେ ।

ମୋ-୯୪୩୮୭୪୭୩୨୦

# ସଡ଼କ ଦୁର୍ଘଟଣାରେ ବର୍ଷକୁ କ୍ଷତି ୧୫୦୦ କୋଟି

**॥ ଅଲେଖ ଚନ୍ଦ୍ର ସାମଲ ॥**

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାର ସଚେତନ ହେଉନଥିବାରୁ ଓଡ଼ିଶାରେ ବାର୍ଷିକ ଯେତେ ଧନଜୀବନ କ୍ଷତି ହେଉଛି ତାହାର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେବ। ଅବକାରୀ, ପରିବହନ ଓ ପୁଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ୫୦%ରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଗତ ବାର ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି। ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦% ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦% ଦୁର୍ଘଟଣା ଘଟୁଛି।

ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ବାର ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶା ଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି। ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତିକ୍ଷୟ ମଧ ରହିଛି। ସରକାରୀ ହିସାବ ଅନୁଯାୟୀ ୨୦୧୫ ବର୍ଷରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି। ରାଜପଥର ୫୦୦ ମିଟର ଦୂରତା ମଧରେ ମଦ ଦୋକାନ ଖୋଲିବା ଉପରେ କଟକଣା ଥିବାବେଳେ ଖୋଦ୍ ରାଜ୍ୟ ସରକାର ଏହାକୁ ବଦଳାଇ ରାଜପଥ କଡ଼ରେ ମଦ ଦୋକାନ ଖୋଲି ଚାଲିବାରୁ ହାତ ପାହାନ୍ତାରେ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ିଚାଳନା କରିବାରୁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ ନିଶାପାନ ଜନିତ ଦୁର୍ଘଟଣା ଓ ତଦ୍‌ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଆରୋପ କରିଛି। ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି। କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇ ଯାଉଛି। ମଦୁଆ ଗାଡ଼ିଚାଳକମାନଙ୍କୁ ଦମନ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରୁଥିବାବେଳେ ବାସ୍ତବରେ ସରକାର ସଚେତନ ହେଉନଥିବାରୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢୁଛି ବୋଲି ମଦମୁକ୍ତି ଅଭିଯାନରୁ ଜଣାଯାଏ।

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି। କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ। ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ। ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ। ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ। କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ। ତେବେ ବିଳମ୍ବରେ ହେଲେ ମଧ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ। ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ। ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି। ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି। ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି।

ଗତ ବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୦ରେ ସେହି ସଂଖ୍ୟା ୫୩,୮୭୨ ଥିଲା। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଂ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର। ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା। ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ। ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ। ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ ସୃଷ୍ଟି କରିବ।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ଦୂରଭାଷ : ୯୪୩୭୨୫୭୧୨୩**

# ଛିଦ୍ରର ଭୟ - ଟ୍ରାଇପୋଫୋବିଆ

**॥ ଡାକ୍ତର ସମ୍ରାଟ କର ॥**

ସୌମ୍ୟଜିତ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ। ସେ ମୋର ଜଣେ କଲେଜ ସମୟର ବନ୍ଧୁ। କିଛି ଦିନ ତଳେ ତାଙ୍କ ଘରୁ ତାଙ୍କ ବଡ଼ଭାଇ ମୋତେ ମୋବାଇଲ ଦ୍ୱାରା ଜଣାଇଲେ ଯେ ଇତିମଧ୍ୟରେ ସୌମ୍ୟଜିତ ଘରେ ବା ବାହାରେ କୌଣସି ଜାଗାରେ ଛିଦ୍ରକୁ ଦେଖିଲେ ତା ଭିତରେ ଏକ ପ୍ରକାର ଅହେତୁକ ଭୟ ରହୁଛି। ମୁଁ ତାଙ୍କୁ ବ୍ୟସ୍ତ ନ ହେବା ପାଇଁ କହିଲି ବାସ୍ତବରେ ଏହା ଏକ ପ୍ରକାର ମାନସିକ ରୋଗ। ତେବେ ଏହାକୁ ଏହାକୁ ନେଇ ସେତେବଡ଼ ଭୟଭୀତ ହେବାର ନାହିଁ। ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଟ୍ରାଇପୋଫୋବିଆ ନାମକ ମାନସିକ ରୋଗର ଶିକାର ହୋଇଥିବା ରୋଗୀ ସାମାନ୍ୟ ଛିଦ୍ରକୁ ଦେଖି ଭୟ କରିଥାନ୍ତି। ଷ୍ଟ୍ରବେରୀ, ମହୁଫେଣା, ସୂର୍ଯ୍ୟମୁଖୀ ଫୁଲ, ଡାଳିମ୍ବ, ସ୍ପଞ୍ଜ ଓ ଜାଲିଦାର ଜିନିଷ ଆଦିରେ ଥିବା ଛିଦ୍ରକୁ ଦେଖି ରୋଗୀ ଭୟଭୀତ ହୋଇଯାନ୍ତି। ଏଭଳି ମାନସିକ ଅବସ୍ଥାକୁ ଟ୍ରାଇପୋଫୋବିଆ କୁହାଯାଏ। ଏହାକୁ ହୋଲ୍ସ ଫୋବିଆ ମଧ କୁହାଯାଏ। ଗ୍ରୀକ୍ ଶବ୍ଦ ଟ୍ରାଇପୋ ଅର୍ଥ ହେଉଛି ଛିଦ୍ର ଏବଂ ଫୋବିଆ ହେଉଛି ଭୟ। ତେଣୁ ଏହାକୁ ଟ୍ରାଇପୋଫୋବିଆ ବା ଛିଦ୍ରର ଭୟ ବୋଲି କୁହାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ରୋଗୀଟି ଚାହା ଓ କଫିରେ ଥିବା ଫେଣକୁ ଦେଖି ମଧ ଭୟଭୀତ ହୋଇଯାଏ। ବହୁବର୍ଷ ପୂର୍ବରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଟ୍ରାଇପୋଫୋବିଆ ଜେନେରାଲଜ୍‌ଡ ଏଙ୍ଗଜାଇଟି ଡିଜଅର୍ଡ଼ର ସହିତ ଜଡ଼ିତ। ତେଣୁ ଟ୍ରାଇପୋଫୋବିଆରେ ପୀଡ଼ିତ ରୋଗୀ ମେଜର ଡିପ୍ରେସିଭ ଡିଜଅର୍ଡ଼ରର ଅନୁଭବ କରିଥାନ୍ତି। ଛିଦ୍ରଯୁକ୍ତ କୌଣସି ବସ୍ତୁକୁ ଦେଖିବା ମାତ୍ରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ହୋଇ ଝାଳ ବାହାରିଥାଏ। ଶରୀରର ବିଭିନ୍ନ ଅଂଶ କୁଣ୍ଡେଇ ହେବା ଭଳି ଅନୁଭୂତ ହୁଏ ଏବଂ ଅଣନିଃଶ୍ୱାସୀ ଲାଗିଥାଏ। ହାତ ଗୋଡ ଥରିଥାଏ। ଏ ପର୍ଯ୍ୟନ୍ତ ଏହାର ସଠିକ କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। କିନ୍ତୁ ଗବେଷଣାତ୍ମକ ତଥ୍ୟ ଅନୁସାରେ କୁହାଯାଉଛି ଯେ, ଯଦି ରୋଗୀ ପୂର୍ବରୁ କୌଣସି ଗମ୍ଭୀର ତ୍ୱଚା ସମସ୍ୟା ଯାଦୁ, କାଛୁ, ଲାଲ ଚକଡ଼ା ଭଳି ତ୍ୱଚାରୋଗ, ମିଳିମିଳା, ଚିକେନପକ୍ସ ଇତ୍ୟାଦିରେ ପୀଡ଼ିତ ହୋଇଥିବେ ଏବଂ ତାହାର ଚିକିତ୍ସା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବ, ତାହେଲେ ସେମାନେ ଭବିଷ୍ୟତରେ ଟ୍ରାଇପୋଫୋବିଆରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ। ସେହି ରୋଗର ଭୟ ସେମାନଙ୍କୁ ଅନ୍ୟ ଛିଦ୍ରଯୁକ୍ତ ବସ୍ତୁରେ ଦେଖାଯାଇଥାଏ। ଏହା ବ୍ୟତୀତ ଛିଦ୍ରଯୁକ୍ତ ତ୍ୱଚାବିଶିଷ୍ଟ କୌଣସି ବିଷାକ୍ତ କୀଟପତଙ୍ଗ ଓ ସରୀସୃପର ଭୟ ମଧ ଅନ୍ୟାନ୍ୟ ଛିଦ୍ରଯୁକ୍ତ ଜିନିଷ ସହିତ ଯୋଡ଼ି ହୋଇଯାଏ। ଟ୍ରାଇପୋଫୋବିଆକୁ ନେଇ କେତେକ ନ୍ୟୁରୋଲୋଜିକାଲ ଗବେଷଣା ମଧ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, କୌଣସି ଛିଦ୍ରଯୁକ୍ତ ବସ୍ତୁକୁ ଭୟ କରୁଥିଲେ ମସ୍ତିଷ୍କରେ ରକ୍ତର ପ୍ରବାହ ଅଧିକ ହୋଇଥାଏ। ତେଣୁ ମସ୍ତିଷ୍କ ସେତେବେଳେ କୌଣସି ନିଷ୍ପତ୍ତି ନେଇପାରେନାହିଁ ଏବଂ ଉକ୍ତ ବସ୍ତୁକୁ ଦେଖାଯିବା ଉଚିତ ନୁହେଁ ବୋଲି ମସ୍ତିଷ୍କ ଦୃଷ୍ଟିଶକ୍ତି ସମ୍ପର୍କିତ ସ୍ନାୟୁକୁ ପ୍ରତିକ୍ରିୟା ବାର୍ତ୍ତା ଦେଇଥାଏ। ତେଣୁ ମସ୍ତିଷ୍କର ନିର୍ଦ୍ଦେଶ ଅନୁସାରେ ଆଖି ଉକ୍ତ ବସ୍ତୁକୁ ଦେଖିବା ପାଇଁ ଚାହେଁନାହିଁ ବା ଦେଖିବା ପାଇଁ ଭୟ କରେ। ଯେ କୌଣସି ବୟସରେ ଏହି ରୋଗର ଲକ୍ଷଣ ଦେଖାଯାଏ। ତେଣୁ ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ମନୋଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ। ପ୍ରଥମ ପର୍ଯ୍ୟାୟରେ କାଉନସେଲିଂ ଏବଂ କେତେକ ଥେରାପି ଦ୍ୱାରା ଟ୍ରାଇପୋଫୋବିଆର ଚିକିତ୍ସା ସମ୍ଭବ ହୋଇଥାଏ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ଗୋରୁ ବୋଝେଇ କଣ୍ଟେନର ଜବତ, ଡ୍ରାଇଭର ଗିରଫ

ଦଶପଲ୍ଲା , (ମହାଭାରତ ): ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସୀ ଅନ୍ତର୍ଗତ ଡାକ୍ତରଖାନା ଛକ ଠାରେ ଶତପଥୀ ବସ ନଂ ଓ ଡି ୦୩ ଏମ ୬୬୩୩ ସହିତ ଏକ ଗୋରୁ ବୋଝେଇ କଣ୍ଟେନର ଧକ୍କା ହୋଇଛି । ଧକ୍କା କରି ବଉଦ ଅଭିମୁଖେ ଯିବା ସମୟରେ ରଙ୍ଗାମାଟିଆ ସ୍ଥିତ ଟୋଲ ଗେଟ ଠାରେ କଣ୍ଟେନର ଗାଡିକୁ ଅଟକାଇ ଦିଆଯାଇଥିଲା । ଖବର ପାଇ ପୋଲିସ ପହଂଚି ଗାଡିକୁ ଜବତ କରିଥିଲା ।ଜବତ ଗାଡି ମଧ୍ୟରୁ ୨୪ ପଟ ଗାଈ କୁ ପୋଲିସ ଜବତ କରିବା ସହିତ ଡ୍ରାଇଭର କୁ ଗିରଫ କରିଛି । ଡ୍ରାଇଭର ଜଣକ ଛତିଶଗଡ ଅଂଚଳ ର ମୋହମଦ ଅସଦ ବୋଲି ଜଣା ପଡିଛି । ଏ ନେଇ ଦଶପଲ୍ଲା ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ବ୍ୟାଟେରି ଚୋରୀ ଅଭିଯୋଗରେ ଦୁଇ ଗିରଫ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ କମାରଯୋଡା ଠାରେ ଘର ପାର୍କିଂରେ ଥିବା ତିନୋଟି ଛୋଟ ଗାଡ଼ିର ବ୍ୟାଟେରୀ ଚୋରୀ କରିଥିବା ଅଭିଯୋଗରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ର ସୂଚନା ଅନୁଯାୟୀ,ଗତ ୩୦/୦୫/୨୦୨୫ ରିଖ ରାତ୍ରିରେ କମାରଯୋଡାର ସୁଶାନ୍ତ ଦାସ ଘର ସମ୍ମୁଖରେ ତାଙ୍କ ଦୁଇଟି ପୀକ୍ଅପ୍ ଭ୍ୟାନକୁ ରଖିଥିଲେ । ତାଙ୍କ ଗାଡ଼ି ସହିତ ଅନ୍ୟ ଏକ ବ୍ୟକ୍ତିଙ୍କ ଗାଡ଼ି ମଧ୍ୟ ସେଠାରେଭ ପାର୍କିଂ କରିଥିଲେ । ବିଳମ୍ବିତ ରାତିରେ ସୁଶାନ୍ତ ଦାସଙ୍କ ଦୁଇଟି ଗାଡ଼ି ଓ ଅନ୍ୟ ବ୍ୟକ୍ତିଙ୍କ ଗାଡ଼ିଟି ଚୋରୀ ହୋଇ ଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରି ଏହି ଚୋରୀ ଘଟଣାରେ ସଂପୃକ୍ତ କମାରଯୋଡା ଅଞ୍ଚଳର ମଙ୍ଗଲୁ ପେଣ୍ଟେଇ ଓରଫ ମନ୍ନୁକୁ ଗିରଫ କରିବା ସହିତ ଏହି ଚୋରୀ ସାମଗ୍ରୀକୁ କ୍ରୟ କରିଥିବାରୁ ଯୋଡା ହୁଡ଼ିସାହିରେ ରହୁଥିବା ମୁର୍ଶିଦାବାଦର ରାହୁଲ ଶେଖକୁ ମଧ୍ୟ ପୋଲିସ ଗିରଫ କରି କେସ ନଂ ୧୩୫/୨୦୨୫ ରୁଜୁ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି । ସେହିପରି ଯୋଡା ପୌର ପାଳିକା ଦୁଇ ନଂ ୱାର୍ଡ ବନେଇକଳା ବସ୍ତିର ଯୋଶବନ୍ତ ଗିରିଙ୍କ ଘରର ଝରକା ଦେଇ ନଗଦ ଏକ ହଜାର ଟଙ୍କା ଓ ପ୍ରାୟ ୩୦ ହଜାର ଟଙ୍କା ମୂଲ୍ୟର ଏକ ମୋବାଇଲ ଫୋନ୍ ଚୋରୀ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଯୋଡା ସହରରେ ଦିନକୁ ଦିନ ଚୋରୀ ଘଟଣା ବୃଦ୍ଧି ପାଉଥିଲେ ହେଁ ପୋଲିସ ଏହାକୁ ରୋକିବାରେ ବିଫଳ ହେଉଛି ।ରାତ୍ରି କାଳୀନ ପୋଲିସର ପେଟ୍ରୋଲିଂ ଅଭାବରୁ ଏହି ଘଟଣା ଘଟୁଛି ବୋଲି ସହର ରେ ଚର୍ଚ୍ଚା ହେଉଛି । ଏହା ସହିତ ଘଟୁଥିବା ଚୋରୀ ଘଟଣାର ସୁରାକ ପୋଲିସ ପାଇ ପାରୁ ନ ଥିବା ରୁ ଚୋରୀ ଅହେତୁକ ପରିମାଣରେ ବୃଦ୍ଧି ପାଉଛି ।

## ଶାନ୍ତିସ୍ରୋତ ଭବନରେ ନିଶାମୁକ୍ତ ଦିବସ ପାଳନ




ଭଂଜନଗର, (ମହାଭାରତ ): ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଦୀର୍ଘ ୩୫ ବର୍ଷ ହେଲା 'ନିଶାମୁକ୍ତ ଦିବସ' ପାଳନ କରିଆସୁଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶାନ୍ତିସ୍ରୋତ ଭବନ, ଭଞ୍ଜନଗର ଠାରେ ଆଜି ଏହି ଦିବସ ପାଳନ କରାଯାଇଛି । ଏହି ଅବସରରେ କାରାଧ୍ୟକ୍ଷ ମାନସ ରଞ୍ଜନ ସାମଲ ସାର ଡ଼ଃ କାର୍ତ୍ତିକେଶ୍ୱର ଜେନା ସାର, ସବ୍ ଇନ୍ସପେକ୍ଟର ଲକ୍ଷ୍ମୀଧର ମହାନ୍ତି ସାର ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିଥି ମହୋଦୟ ନିଜ ନିଜର କାର୍ଯ୍ୟକାଳରେ ତମାଖୁ ସେବନ ବ୍ୟକ୍ତିବିଶେଷଙ୍କ ଦୁର୍ଦ୍ଦଶାମୟ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ । ଶ୍ରୀ ସାମଲ ସାର୍ ଭଗବତ ନିଶା ହିଁ ତମାଖୁ ବର୍ଜ୍ଜନର ଏକମାତ୍ର ପଥ ବୋଲି ମତ ରଖିଥିବା ବେଳେ ଡ. ଜେନା ସାର ଶିକ୍ଷିତ ଯୁବ ଗୋଷ୍ଠୀଙ୍କ ସଚେତନତା ଦ୍ୱାରା ନିଶାମୁକ୍ତ ସମାଜ ଗଠନ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ବ୍ରହ୍ମାକୁମାରୀ ନିରୁ ଭଉଣୀ ଉକ୍ତ ସଂସ୍ଥାର ପରିଚୟ ସଂପର୍କରେ ଓ ନିଶାମୁକ୍ତ ବିଶ୍ୱ ଗଠନରେ ସଂସ୍ଥା କିପରି କାର୍ଯ୍ୟ କରିଆସୁଅଛି ଅବଗତ କରାଇଥିଲେ । ସେବାକେନ୍ଦ୍ର ସଂଚାଳିକା ବ୍ରକୁ ସନ୍ତୋଷିନୀ ଭଉଣୀ ନିଶାମୁକ୍ତ ସମାଜ ପାଇଁ ରାଜଯୋଗ ଏକ ସହଜ ଓ ସରଳ ଉପାୟ ବୋଲି ବିଶଦ ଆଲୋଚନା କରିବାପରେ ନିଶା ନିବାରଣ ପାଇଁ ସମସ୍ତଙ୍କୁ ପ୍ରତିଜ୍ଞା କରାଇଥିଲେ । ପ୍ରଭାତ ଫେରି କାର୍ଯ୍ୟକ୍ରମ ସହିତ ପାର୍କ, ଜେଲ୍,ବସ୍ ଷ୍ଟାଣ୍ଡ ଓ ବିଭିନ୍ନ କାର୍ଯ୍ୟାଳୟ ଯାଇ ନିଶାମୁକ୍ତ ଜୀବନର ସୌନ୍ଦର୍ଯ୍ୟତା ସହିତ ପରମାତ୍ମାଙ୍କ ପରିଚୟ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ମଧ୍ୟ ସଚେତନ ବାର୍ତ୍ତା ଦିଆଯାଇଥିଲା ।

## ଘରେ ଘରେ ବନ୍ଦୀ ମୟୂର, ନାହିଁ ଧରପଗଡ଼

ଓଡ଼ଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ର ବିରାଟକାୟ ଗୋଛା ଜଙ୍ଗଲରେ ମୟୂରର ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି । ଶହ ଶହ ମୟୂର ଜଙ୍ଗଲ ଛାଡ଼ି ଏବେ ଗାଁ ମୁହାଁ ହୋଇଛନ୍ତି ଲ । ଅଧିକାଂଶ ଲୋକ ସେହି ମୟୂରଙ୍କୁ ଧରି ଘରେ ବାନ୍ଧି ରଖୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଧରପଗଡ଼ ନଥିବା ଜଣାପଡ଼ିଛି । ଗୋଛା ଜଙ୍ଗଲରେ ବୃକ୍ଷଲତା ଭରପୂର ଥିବା ବେଳେ ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସଂଖ୍ୟା ବଢ଼ିଚାଲିଛି । ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଅନେକ ଜୀବଜନ୍ତୁ ଶିକାରୀଙ୍କ କବଳରେ ପଡ଼ି ଶିକାର ହେଉଛନ୍ତି । ମୟୂର ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି । ଶିକାରୀ ବିଛାଇଥିବା ଜାଲରେ ପଡ଼ି ସେମାନଙ୍କର ମୃତ୍ୟୁ ଘଟୁଛି । ଯିଏ ବଞ୍ଚିଯାଉଛି ତାକୁ ବାହାରକୁ ଚୋରାଚାଲାଣ କରାଯାଉଛି ନଚେତ୍ ଆଉ କିଛି ବ୍ୟକ୍ତି ମୟୂରକୁ ଘରେ ବନ୍ଦି କରି ରଖୁଛନ୍ତି । ଶିକାରୀଙ୍କ କବଳରେ ପଡ଼ି ଏହି ପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାକୁ ଲାଗିଛି । ଏମାନଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ଷ ବର୍ଷ ଧରି ଜାତୀୟ ପକ୍ଷୀ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ପ୍ରଶାସନ କିମ୍ବା ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ବାଣ୍ଟପୁର ପଞ୍ଚାୟତର ନେପାଳ, ନିହଲପ୍ରସାଦ, ପୋଡ଼ାସାହି, ଭୋବସର, ମାଳଓଣ୍ଡିଆ, ବୁଢାବୁଢିଆଣି, ଶାଳଝରିଆ, ତୁଲୁବି, କୁରାଢ଼ିଘଷା ଆଦି ସବୁ ସ୍ଥାନରେ ମାଳମାଳ ମୟୂର ରହିଛନ୍ତି । ରାସ୍ତାରେ ଯିବାଆସିବା କରିବା ସମୟରେ ରାସ୍ତାକଡ଼ରେ ଏମାନେ ଦେଖାଦିଅନ୍ତି । ଏଠାରେ ମୟୂରର ଓଜନ ପ୍ରାୟ ୧୫ କେଜିରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି । ନିକଟରେ ବରକନ୍ୟା ଝରଣା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଥିବା ବେଳେ ରାସ୍ତାରେ ମୟୂର ମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ବିଭିନ୍ନ ସ୍ଥାନରେ ମୟୂର ବିଲୁପ୍ତ ହେବାକୁ ବସିଥିବା ବେଳେ ଏହି ଗୋଛା ଜଙ୍ଗଲରେ ମୟୂର ବଂଶ ବିସ୍ତାର କରି ସମସ୍ତ ପରିବେଶବିତଙ୍କ ମନରେ ଉତ୍ସାହ ସୃଷ୍ଟି କରିଛନ୍ତି । କେହି କେହି ମୟୂର ଦେଖିବାକୁ ଏଠାକୁ ଆସିଥାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସବୁଠାରୁ ବଡ଼କଥା ହେଉଛି, ଶିକାରୀ ମାନେ ମୟୂର ମାନଙ୍କୁ ବିଭିନ୍ନ କୌଶଳ ଅବଲମ୍ବନ କରି ଶିକାର କରିଥାନ୍ତି । ଏସବୁ ଦୃଷ୍ଟିରୁ ପ୍ରଶାସନ ଏକ ମୟୂର ଉଦ୍ୟାନ କଲେ ବର୍ଷକୁ ଶହ ଶହ ମୟୂର ବଂଶ ବିସ୍ତାର କରିବା ସହିତ ସେମାନଙ୍କ ପାଇଁ ଏକ ପ୍ରାକୃତିକ ପରିବେଶ ସୃଷ୍ଟି ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି । ନଚେତ୍ ଏହି ପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇଚାଲିବ ବୋଲି କୁହାଯାଉଛି ।

# ଡାକ୍ତରଙ୍କ ଅବହେଳା ପାଇଁ ପ୍ରସବ ଯନ୍ତ୍ରଣାରେ ମହିଳାଙ୍କ ମୃତ୍ୟୁ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ନୟାଗଡ଼ ବାଲୁଗାଁ ଗ୍ରାମର ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ । ସେ ପ୍ରସବ ପାଇଁ ଗତକାଲି ରାତିରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । କିନ୍ତୁ ଦାୟିତ୍ୱ ରେ ଥିବା ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ତାଙ୍କୁ ଚିକିତ୍ସା କରି ନଥିଲେ । ମମତା ଙ୍କ ଚିକିତ୍ସା ପାଇଁ ଡାକ୍ତର ମମତା ଙ୍କ ସ୍ୱାମୀ ସଞ୍ଜୟ ଙ୍କୁ ୩୦ ହଜାର ଟଙ୍କା ମାଗିଥିଲେ । ଟଙ୍କା ଦବା ବିଳମ୍ବ ହେବାରୁ ଡାକ୍ତର ରବିନ୍ଦ୍ରନାଥ ସାହୁ ମମତା ଙ୍କ ଚିକିତ୍ସା କରିନଥିବା ଅଭିଯୋଗ ହୋଇଥିଲା । ମମତା ଦୀର୍ଘ ସମୟ ଧରି ପ୍ରସବ ବେଦନାରେ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ନୟାଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ଆଠ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାପା ଉତ୍ତେଜନା ହେବା ସହ ଆନ୍ଦୋଳନ ହୋଇଥିଲା । ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ଙ୍କୁ ଗିରଫ ଦାବିରେ ଶହ ଶହ ଲୋକ ଡାକ୍ତରଖାନା ପରିସରରେ ରୁଣ୍ଡ ହୋଇ ତୁମ୍ବିତୋଫାନ କରିଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୟାଗଡ଼ ଦୁଇ ଜଣ ଅତିରିକ୍ତ ଏସ୍ପି ଙ୍କ ସହ ନୟାଗଡ଼ ଏସଡିପିଓ ଏବଂ ୩ ଜଣ ଡିଏସପି, ୫ ଇନ୍ସପେକ୍ଟର ଓ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଦୀର୍ଘ ସମୟ ଧରି ମୃତ ମମତା ଙ୍କ ପରିବାର ବର୍ଗ ଏବଂ ସ୍ଥାନୀୟ ବିଜେପି ନେତା ଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମ୍ବି ତୋଫାନ କରିବା ପରେ ମୃତ ମମତା ଙ୍କ ସ୍ୱାମୀ ଓ ପରିବାର ବର୍ଗଙ୍କ ଏବଂ ବିଜେପି ର କିଛି ବରିଷ୍ଠ ନେତାଙ୍କ ସହ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ର ବରିଷ୍ଠ ପୁଲିସ ଅଧିକାରୀ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସହ ହସ୍ପିଟାଲ କର୍ତ୍ତୃପକ୍ଷ ମୃତ ମମତା ଙ୍କ ପରିବାର ବର୍ଗ ଏବଂ ସ୍ଥାନୀୟ ବିଜେପି ନେତା କରିଥିବା ଦାବି ଅନୁସାରେ ଅଭିଯୋଗ ହୋଇଥିବା ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ଙ୍କ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଅନ୍ୟତ୍ର ବଦଳି କରାଯାଇଥିଲା । ଡାକ୍ତର ଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ସିସିଟିଭି ଫୁଟେଜ ଯାଞ୍ଚ ହେବାସହ ନୟାଗଡ଼ ଜିଲ୍ଲା ପ୍ରଶାସନ ତଦନ୍ତ କରିବ । ତା ସହ ମମତା ଙ୍କ ବ୍ୟବଚ୍ଛେଦ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ନୁହେଁ ବାହାରୁ ଡାକ୍ତର ଆସି ବ୍ୟବଚ୍ଛେଦ କରିବେ ଏବଂ ବ୍ୟବଚ୍ଛେଦ ବେଳର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫ କରାଯିବ । ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଏଡିଏମ୍ କହିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଏବଂ ହସ୍ପିଟାଲ ସିସିଟିଭି ଫୁଟେଜ ସହ ଜିଲ୍ଲା ପ୍ରଶାସନ ର ତଦନ୍ତ ପରେ ଡାକ୍ତର ଙ୍କ ଚିକିତ୍ସା ଅବହେଳା ର ପ୍ରମାଣିତ ହେଲେ ଗାଇନିଙ୍ଗ୍ ଡାକ୍ତର ରବିନ୍ଦ୍ର ନାଥ ସାହୁ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ପରିବାର ବର୍ଗଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ଏଭଳି ପ୍ରତିଶ୍ରୁତି ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଉତ୍ତେଜନା କମିବା ସହ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ମମତା ଙ୍କ ମୃତ୍ୟୁ ଶାରିରୀକ କୁ ନୟାଗଡ଼ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

# ପରିକ୍ରମା ପକ୍ଷରୁ ମେଧା ସମ୍ବର୍ଦ୍ଧନା ସମାରୋହ




ରାଇରଙ୍ଗପୁର, (ମହାଭାରତ ): ଆଜି ଅଗ୍ରଣୀ ସାମାଜିକ -ସାଂସ୍କୃତିକ ଅନୁଷ୍ଠାନ 'ପରିକ୍ରମା ' ପକ୍ଷରୁ ମେଧା ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ପି ସି ଏମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ରେ ଶତକଡା ୯୦% ପ୍ରତିଶତ ବା ତାଠାରୁ ଅଧିକ ରଖିଥିବା କେରଳା ପବ୍ଲିକ ସ୍କୁଲର ୧୪ଜଣ, ସରସ୍ୱତୀ ଶିଶୁ ମନ୍ଦିରର ୩ଜଣ, କେନ୍ଦ୍ରୀୟ ବିଦ୍ୟାଳୟର ୪ଜଣ, ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ, ଫାତୁ ମେମୋରିଆଲ ଆକାଡେମୀ, ତାରଣାର ୨ଜଣ, ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଝରାଢ଼ିହିର ୪ଜଣ, ଓଡିଶା ଆଦର୍ଶ ବିଦ୍ୟାଳୟ ପାସନା, ଜାମଦାର ୨ଜଣ, ଓଡିଶା ଆଦର୍ଶ ବିଦ୍ୟାଳୟ ଜମିରଡିହା, ବିଶୋଇର ଜଣେ, ଓଡିଶା ଆଦର୍ଶ ବିଦ୍ୟାଳୟ ଝାଡ଼ଗାଁ, ବହଳଦାର ୪ଜଣ, ଓଡିଶା ଆଦର୍ଶ ବିଦ୍ୟାଳୟ ସାନମଉଦା, ରାଇରଙ୍ଗପୁର ର ୬ଜଣ, ରିଚାର୍ଡ ମିଶନ ସ୍କୁଲ, ରାଇରଙ୍ଗପୁରର ଜଣେ, ଏକଲବ୍ୟ ମଡେଲ ଅବାସିକ ବିଦ୍ୟାଳୟର ୨ ଜଣ ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ବହଳଦାରୁ ଜେଇ, ନିଟ କୋଚିଂ ପାଇଁ ମନୋନୀତ ହୋଇଥିବା କୃତି ଛାତ୍ର ଛାତ୍ରୀଙ୍କୁ ଟେଲେଣ୍ଟ ଆୱାର୍ଡ ୨୦୨୫ ପ୍ରଦାନ କରାଯାଇଥିଲା. ଉତ୍ସବରେ ସମାଜସେବୀ ଓ ସଂସ୍କୃତିପ୍ରେମୀ ପୂର୍ବତନ ଆଇପିଏସ ଅଧିକାରୀ କାମ୍ୟା ମିଶ୍ରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ରାଇରଙ୍ଗପୁର ପୌର ପାଳିକାର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳା ନନ୍ଦ ସାହୁ, ପୂର୍ବତନ ବିଧାୟକ ଶାଇବା ସୁଶୀଲ କୁମାର ହାଁସଦା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ । ପରିକ୍ରମା ର ସମ୍ପାଦକ ସୁବାସ ମଣ୍ଡଳ ମଂଚାସୀନ ଥିଲେ । ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ଅତନୁ ମହାନ୍ତି ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ରଞ୍ଜନ ନନ୍ଦ ପରିଚାଳନା କରିଥିଲେ । ପ୍ରାରମ୍ଭରେ ବରେଣ୍ୟ ଅତିଥିବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦଘାଟନ କରିଥିଲେ. ସମସ୍ତ କୃତି ବିଦ୍ୟାର୍ଥୀଙ୍କୁ ମେମେଣ୍ଟୋ, ପ୍ରସଂସପାତ୍ର, ଓ ଗୋଟିଏ ଲେଖାଏଁ ଚାରା ଗଛ ପ୍ରଦାନ କରାଯାଇଥିଲା. ପରିକ୍ରମା ପକ୍ଷରୁ ଅତିଥି ମାନଙ୍କୁ ପ୍ରୀତି ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଦିଲ୍ଲୀପ ମହାନ୍ତି, ଅଶୋକ ରାଉତ, ଦିଗମ୍ବର ଗିରି, ତିମିର ରଞ୍ଜନ ପଣ୍ଡା ବିଜୟ ରାମ, ଦୁଷ୍ମନ୍ତ ଦାସ, କିଶୋର ମଲ୍ଲିକ, ବିମଳ କୃଷ୍ଣ ମହାନ୍ତି ଓ ରାଇରଙ୍ଗପୁର ସଦା ସକ୍ରିୟ ରେଡି ଭଲେଣ୍ଟିୟର ଗ୍ରୁପର ଯୁବ ସ୍ୱେଚ୍ଛାସେବୀ ମନେ ସହଯୋଗ କରିଥିଲେ ।

## ବିଦ୍ୟୁତ ସଂଯୋଗ ନ ହେଲେ ରାସ୍ତାରୋକ କରିବେ ଡଙ୍ଗାଡିହା ବାସୀ

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଡଙ୍ଗାଡିହା ଗ୍ରାମର ତିନୋଟି ସାହି କୁ ବିଦ୍ୟୁତ ସଂଯୋଗ ନ ଥିବାରୁ ପ୍ରତିବାଦ ରେ ଜୁନ ୩ ତାରିଖ ରେ ରାସ୍ତା କରିବେ ବୋଲି ପୋଲିସ ପ୍ରଶାସନ କୁ ଅବଗତ କରାଯାଇଛି । ଗ୍ରାମରେ ରହିଛି ୧୦ଟି ସାହି ସେଥିରୁ ୩ଟି ସାହି ବିଦ୍ୟୁତ ସଂଯୋଗ ରୁ ବଞ୍ଚିତ । ଗ୍ରାମବାସୀ ବାରମ୍ବାର ଆପତ୍ତି କରି କୌଣସି ସୁଫଳ ନ ମିଳିବାରୁ ରାସ୍ତା ଅବରୋଧ କରି ଚାପ ପକାଇବାକୁ ସ୍ଥିର କରିଛନ୍ତି । ଜୁନ ୩ ତାରିଖ ସକାଳ ୬ଟା ରୁ ଠାକୁରମୁଣ୍ଡା - ଉଦଳା ରାସ୍ତା ଅବରୋଧ କରିବାକୁ ଜଣାଇଛନ୍ତି । ଠାକୁରମୁଣ୍ଡା ଓ ମହୁଲଡିହା ଥାନା କୁ ଦିଆଯାଇଥିବା ଦରଖାସ୍ତ ର ନକଲ ଗଣମାଧ୍ୟମ କୁ ଦିଆଯାଇଛି କ୍ଷ ସୂଚନା ମୁତାବକ ଡଙ୍ଗାଡିହା ର ବଳସାହି, ବଙ୍ଗାଳି ସାହି, ଓ କାନ୍ଦ୍ରା ସାହି କୁ ବିଦ୍ୟୁତ ସଂଯୋଗ ପହଞ୍ଚି ନାହିଁ । ତିନି ସାହିରେ ୩୦୦ ପରିବାର ପାଖାପାଖି ୧୫୦୦ ଲୋକ ବସବାସ କରୁଥିବା ରୁ ବିଦ୍ୟୁତ ନ ଥିବା ରୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ସମୟ ରେ ମୋବାଇଲ ଖୁବ ଗୁରୁତ୍ୱପୂର୍ଣ୍ଣ ହେଇଥିବା ବେଳେ ଲୋକେ ମୋବାଇଲ ଚାର୍ଜ ମଧ୍ୟ କରିପାରୁ ନାହାନ୍ତି । ପିଲା ମାନେ ପାଠ ପଢ଼ା ରେ ସମସ୍ୟା ଭଗୁଛନ୍ତି । ତେଣୁ ସାହିକୁ ତୁରନ୍ତ ବିଦ୍ୟୁତ ସଂଯୋଗ ନ କଲେ ଆନ୍ଦୋଳନକୁ ଉହ୍ଲାଇବେ ବୋଲି କହିଛନ୍ତି ।

# ମାଟି କାନ୍ଥ ଭୁଶୁଡି ଜଣେ ମୃତ

ନୂଆଗାଁ, (ମହାଭାରତ) : ନୟାଗଡ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ମାଇଛେଳି ଗ୍ରାମ ପଞ୍ଚାୟତ ସଂପଡା ଗ୍ରାମରେ ଶନିବାର ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣଙ୍କ ର ମୃତ୍ୟୁ ହୋଇଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସଂପଡା ଗ୍ରାମର ରବି ନାୟକ (୫୨) ଙ୍କର ମୃତ୍ୟୁ ହୋଇଛି । ଆଜି ଅପରାହ୍ଣ ୪ଟା ବେଳେ ଝିପି ଝିପି ବର୍ଷା ହୋଇଥିଲା । ସେତବେଳେ ରବି ନିଜ ପୁରୁଣା ମାଟି ଘର କାନ୍ଥ ପାଖରେ ଠିଆ ହୋଇଥିଲେ । କିଛି ସମୟ ପରେ ହଠାତ ମାଟି କାନ୍ଥଟି ଭୁଶୁଡି ପଡ଼ି ରବି ଙ୍କ ଉପରେ ମାଡ଼ି ବସିଥିଲା । ସଙ୍ଗେ ସଙ୍ଗେ ରବି ଚିତ୍କାର କରି ଡାକ ଛାଡିଥିଲେ । କିନ୍ତୁ ନିକଟରେ ଲୋକମାନେ ନଥିବାରୁ ରବି ଙ୍କ ଡାକ ଶୁଣି ପାରିନଥିଲେ । ବର୍ଷା ଛାଡ଼ି ଯିବାପରେ ଘରଲୋକ ଦେଖିଲେ ତାଙ୍କ ପୁରୁଣା ମାଟି କାନ୍ଥ ଭୁଶୁଡ଼ି ପଡ଼ିଛି । ଘର ଲୋକଙ୍କ ସନ୍ଦେହ ହୋଇଥିଲା ରବି ଏଠି ଥିଲେ ଗଲେ କୁଆଡେ ।ଖୋଜା ଖୋଜି କରିବା ପରେ ନ ପାଇବାରୁ ମାଟି ଅତଡ଼ାକୁ ଗ୍ରାମବାସୀଙ୍କ ସହଯୋଗରେ ବାହାର କରିବାରୁ ରବି ମାଟି କାନ୍ଥରେ ଚାପିହୋଇ ପଡିଥିବାର ଦେଖିଲେ । ତୁରନ୍ତ ସ୍ଥାନୀୟ ଲୋକେ ନୂଆଗାଁ ଦମକଳ ଗାଡିକୁ ଖବର ଦେଇଥିଲେ ଘଟଣାସ୍ଥଳରେ ଦମକଳ ଗାଡ଼ି ଆସିବା ବିଳମ୍ବ ହୋଇଥିବାରୁ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ନୂଆଗାଁ ପୋଲିସ ପହଞ୍ଚି ୦୫/୨୫ ରେ ଏକ ଅପମୃତ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ନୂଆଗାଁ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି ।


## ଅବସର ନେଲେ ଖବର କାଗଜ ବଣ୍ଟାଳି

ନୂଆଗାଁ, (ମହାଭାରତ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ର ଖବର କାଗଜ ବଣ୍ଟାଳି ଗତ ଶନିବାର ଦିନ ଭରତ ପରିଡ଼ା ଅବସର ନେଇଛନ୍ତି । ଭରତଙ୍କ ନିଜ ଘର ନୂଆଗାଁ ଗ୍ରାମ ପଞ୍ଚାୟତର ଆମ୍ବଝରି ନିକଟସ୍ଥ କୈଦାସପୁର । ଭରତ ଜଣେ ମେଳାପି, ପରୋପକାରୀ, ମିଷ୍ଟ ଭାସି ପ୍ରକୃତିର ମଣିଷ । ସେ ଦୀର୍ଘ ୮ରୁ ୧୦ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ଏହି ଖବର କାଗଜ ବିତରଣ କରି ଆସୁଥିଲେ । ନୂଆଗାଁ ବ୍ଲକ ସଦରମହକୁମା କୁ ଆସୁଥିବା ପ୍ରତିଦିନ,ପ୍ରମେୟ,ସମ୍ବାଦ,ସମାଜ ଆଦି ଖବର କାଗଜ ବିତରଣ କରି ପାଠକ ମାନଙ୍କ ପାଇଁ ପ୍ରିୟ ଭାଜନ ହୋଇପାରିଥିଲେ । ଭରତ ଜଣେ ଭିନ୍ନକ୍ଷମ ହୋଇଥିବାରୁ ସାଇକେଲ ଚଳାଇ ଖବର କାଗଜ ବିତରଣ କରିବା କଷ୍ଟ ସାଧ୍ୟ ହୋଇଥିଲା ।ତେଣୁ ସେ ଏହି କର୍ତ୍ତବ୍ୟ ପଥରୁ ନିଜକୁ ଅବସର ନେଇଛନ୍ତି । ତାଙ୍କର ଶନିବାର ଶେଷ ଦିନ ହୋଇଥିବାରୁ ନୂଆଗାଁ ଆଞ୍ଚଳିକ ସାମ୍ବାଦିକ ପକ୍ଷରୁ ଉତ୍ତରୀୟ ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।

# ପୋଲିସକୁ ଚାଲେଞ୍ଜ କରୁଛି ଚୋର !

ହାଟଡିହି, (ମହାଭାରତ) : ସମାନ ଘଟଣା ସମାନ ଉଦ୍ଦେଶ୍ୟ । ଗତ କାଲି ବି ପୁଣି ଭଙ୍ଗିଛନ୍ତି ଝରକା ନେଉଛନ୍ତି ସୁନା । ଏବେ ବାହାଘର । ରିତୁ ଚାଲିଥିବା ରୁ ପ୍ରତି ଗାଁ ରେ ବାହାଘର ଭୋଜି ପାଇଁ ବନ୍ଧୁ ବାନ୍ଧବ ଆସୁଛନ୍ତି । କିନ୍ତୁ । ଚୋର ଏବେ ବଜାର ପାଖାପାଖି ଅଞ୍ଚଳ ବେଶୀ କୁ ଟାର୍ଗେଟ କରୁଛନ୍ତି ।ଆନନ୍ଦପୁର ଉପଖଣ୍ଡରେ ଚୋର କେନ୍ଦୁଝର ପୋଲିସ କରୁଛନ୍ତି ଖୋଲା ଖୋଲି ଚାଲେଞ୍ଜ କରିବା ଭଳି ଚୋରି ଅଧିକ ରୁ ଅଧିକ କରୁଛନ୍ତି।। ପ୍ରାୟ ଦିନେ ଦୁଇ ଦିନ ଅନ୍ତର ରେ ଗୋଟିଏ ପରେ ଗୋଟିଏ ଲୁଟ ବଢ଼ି ଚାଲିଛି । ଯାହାକୁ ନେଇ ସାଧାରଣ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ଗୋଟିଏ ସପ୍ତାହ ନ ପୁରୁଣୁ ପୁଣି ଚୋରି ହେବା କଥା ଏବେ ପୁରା ପୋଲିସ୍ ପ୍ରଶାସନ ନିଦ ହଜାଇ ଦେଇଛି । ଏହି ସପ୍ତାହ ର ମଙ୍ଗଳବାର ଦିନ ନାହାଳିଆ ଗ୍ରାମରୁ ଓ ତାର ଠିକ୍ ଦୁଇଦିନ ପରେ ଗୁରୁବାର ରାତିରେ ବଞ୍ଚୋ ଛକରୁ ଲୁଟ ପରେ ଶନିବାର ଦିନ ରାତିରେ ନନ୍ଦିପଦା ଥାନା ନିଶଙ୍କପୁର ଗ୍ରାମରୁ ସମାନ ଢ଼ଙ୍ଗରେ କରୁଛନ୍ତି ଲୁଟ । ଶନିବାର ବିଳମ୍ବିତ ରାତିରେ ଝରକା ଗ୍ରିଲ ଭାଙ୍ଗି ପାଖାପାଖି ୫ ଲକ୍ଷ ଟଙ୍କାର ସୁନା,ରୂପା ଅଳଙ୍କାର ଲୁଟ ହୋଇଛି । ସହଜ ହେଉଛି କାଠ ଝରକା ରେ ଗ୍ରିଲ କୁ ତାଡି ନେବା ର ତାରିକା । କେତେବେଳେ ବି ଚୋର ଛାଡୁନି କିଛି ବି ଅଂଶ ବିଶେଷ । ଯାହାକି ଧରିବାକୁ ଚୋର କୁ ଧରିବାକୁ ନକେଦମ୍ ହେଲାଣି କେନ୍ଦୁଝର ପୋଲିସ । ଏହି ଜିଲ୍ଲା ଖୋଦ ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲା ଯାହା ବର୍ତ୍ତମାନ ପୋଲିସ କୁ । ମୁଣ୍ଡ ବିନ୍ଧା ର କାରଣ ସାଜିଛି । ନାଁ ମିଳୁଛି ଚୋର ର ସନ୍ଧାନ, ନା କାମ କରୁଛି ଟେକନିକାଲ୍ ତଦନ୍ତ । ଲୋକେ ଏବେ ନିଜ ଅସୁରକ୍ଷିତ ମଣୁଛନ୍ତି । ପୋଲିସ ଉପରୁ ତୁଟୁ ଛି ଭରଷା । ପ୍ରତିଦିନ ଦିନ ଯଦି ଏପରି ଲୁଟ ପାଟ ହେବ ଆଉ କେହି ଧାରା ନପଡି ଖାଲି ତଦନ୍ତ ତଦନ୍ତ ରେ ରହିଯିବ ତାହାଲେ ମୁଖ୍ୟମନ୍ତ୍ରୀ ଙ୍କ ନିଜ ଜିଲ୍ଲା ରୁ ହିଁ ଲୋକ ଧନ ଜୀବନ ସୁରକ୍ଷା କଥା ରାଜ୍ୟ ରେ ସରକାର ନକୁ ହରଡ ଘାଣା ରେ ପକାଇ ପାରିବ । ଏଭଳି ବାରମ୍ବାର ଚୋର ଘଟଣା କୁ କେନ୍ଦୁଝର ପୋଲିସ ଯଦି ଗୁରୁତର ସହ ନନିଏ ତାହାଲେ ଅସୁରକ୍ଷିତ ଲୋକେ ସୁରକ୍ଷା ପାଇଁ ମୁଖ୍ୟ ମନ୍ତ୍ରୀ ଙ୍କୁ ଚିଠି ଲେଖିବେ ବୋଲି କହିଛନ୍ତି ।

# ୫ ହଜାର ଟଙ୍କାରେ ବିକ୍ରି ହେଉଛି ବାର୍ହା ଛୁଆ



ଦଶପଲ୍ଲା, (ମହାଭାରତ ): ପାଂଚହଜାର ଟଙ୍କା ରେ ବିକ୍ରୀ ହେଉଛି ବାର୍ହା ଛୁଆ । ତାହାପୁଣି ସର୍ବ ସମକ୍ଷରେ ଓ ଖୁଲୁମ୍ ଖୋଲା ଭାବରେ । ସରକାର ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସବୁ ନିଷ୍ଫଳ ମନେହେଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ , ଦଶପଲ୍ଲା ଓ ଗଣିଆ ବନାଂଚଳରେ । ଏହି ଦୁଇଟି ବନାଂଚଳ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ,ଘନ ଜଂଗଲପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ଏହି ଅଂଚଳ ର ବାଇଶିପଲ୍ଲୀ, କଳସାଖମଣ, ଚଢେୟାପଲ୍ଲୀ, କୁଜାମେଣ୍ଡି, କୁଲୁରୁକୁମ୍ପା, ବାଣୀଗୋଛା, ଟାକରା, ଭୋଗବାଡି, ପୋଖରୀଗୋଛା, ସାକେଣୀ ଅଂଚଳର ସ୍ଥାନୀୟ ଆଦିବାସୀ ମାନେ ମଇ ଓ ଜୁନ୍ ମାସରେ ଦଳବଦ୍ଧ ହୋଇ ଜଂଗଲ ମଧ୍ୟରେ ଆଡିକରି ବାର୍ହାଗୁଡା ( ଛୁଆ କରିବା ସ୍ଥାନ ) ରୁ ମାଆବାର୍ହା କୁ ଘଉଡାଇ କିମ୍ବା ହତ୍ୟାକରି ନବଜାତ ବାର୍ହା ଛୁଆ କୁ ଆଣିଥାନ୍ତି । ଏହି ବାର୍ହାଛୁଆ କୁ ନିଜେ ଘରେ ପୋଷିବା ସହିତ ବଳକା ବାର୍ହାଛୁଆ କୁ ପ୍ରାୟ ୫ ହଜାର ଟଙ୍କା ରେ ବିକ୍ରି କରିଥାନ୍ତି । ଏହି ବାର୍ହାଛୁଆ କିଣିବାପାଇଁ ବହୁ ଲୋକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ମଧ୍ୟ ହୁଏ । ତେଣୁ ଏହାରମୂଲ୍ୟ ଆବଶ୍ୟକ ସ୍ଥଳେ ୭ ହଜାର ମଧ୍ୟ ଟପିଯାଏ । ଦଶପଲ୍ଲା ଓ ଗଣିଆ ବନାଂଚଳ ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ଆଦିବାସୀ ମାନଙ୍କର ବିବାହ,ଶୁଦ୍ଧକର୍ମ ରେ ଏହି ବାର୍ହା ମାଂସର ଆବଶ୍ୟକତା ପଡିଥାଏ । ତେଣୁ ଆଦିବାସୀ ସଂପ୍ରଦାୟ ଏହି ବାର୍ହା ଛୁଆକୁ ଜଂଗଲ ରୁ ଧରି ଘରେ ପାଳନ କରିଥାନ୍ତି । ବାର୍ହା ଟି ବଡ ହୋଇଗଲା ପରେ ପ୍ରାୟ ୧୦୦ କେଜିରୁ ଅଧିକ ଓଜନର ହୋଇଥାଏ । ତେଣୁ ଆଦିବାସୀ ସଂପ୍ରଦାୟ ଙ୍କ ବିବାହ ଓ ଶୁଦ୍ଧ କାର୍ଯ୍ୟ ରେ ମାଂସର ଆବଶ୍ୟକତା ପୂରଣ କରିବାରେ ସକ୍ଷମ ହୋଇଥାଏ । ଦରକାର ବେଳେ ଆଦିବାସୀ ପରିବାର ଏହାକୁ ପ୍ରାୟ ୩୫ ରୁ ୪୦ ହଜାର ଟଙ୍କା ରେ ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ବନବିଭାଗ ର ଏତେ କଡା ଆଇନ୍ ସତ୍ୱେ କିପରି ଧରାଯାଉଛି ବାର୍ହା ଛୁଆ, ଏହାକଣ ସ୍ଥାନୀୟ ବନକର୍ମଚାରୀ ଙ୍କ ଦୃଷ୍ଟିରେ ପଡୁନାହିଁ ? ନା କିଛି ହାତଗୁଂଜା ନେଇ ଆଖିବୁଜି ଦେଉଛନ୍ତି ବନକର୍ମଚାରୀ । ତେବେ ଦେଖିବାକୁ ବାକି ରହିଲା କେବେ ହେଉଛି କାର୍ଯ୍ୟାନୁଷ୍ଠାନ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବରିଷ୍ଠ ଶିକ୍ଷୟତ୍ରୀ ଚପଳା ପାଣିଗ୍ରାହୀଂକୁ ବିଦାୟ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି(ମହାଭାରତ): ସ୍ଥାନୀୟ ଗୋଷାଣି ବ୍ଲକ ଅନ୍ତର୍ଗତ ଜାଜପୁର ସରକାରୀ ଉତ୍ତୀତ ଉଚ୍ଚ ବିଦ୍ୟାଳୟଠାରେ ବରିଷ୍ଠ ଶିକ୍ଷୟତ୍ରୀ ଚପଳା ପାଣିଗ୍ରାହୀଂକୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଏଥିରେ ଗୋଷାଣି ଗୋଷ୍ଠି ଅତିରିକ୍ତ ଶିକ୍ଷା ଅଧିକାରୀ ଏମ୍. ବିମଳ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ମୋହନ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦୀର୍ଘ ୨୫ ବର୍ଷଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରି ଛାତ୍ରଛାତ୍ରୀ ତଥା ଅଭିଭାବକ ଏବଂ ନିଜ ସହକର୍ମୀଂକ ସହ ସହୃଦୟତା ରହିଥିଲା। ବିଶେଷ କରି ଛାତ୍ରଛାତ୍ରୀ ମାନଂକୁ ଗୀତ, ଗଳ୍ପ, ଅଭିନୟ ତଥା ଗୁଣାତ୍ମକ ଶିକ୍ଷାଦାନ କରି ନିଜର ଶ୍ରେଷ୍ଠ ଭୂମିକା ସଂପାଦନ କରିଥିଲେ। ନିକଟରେ ସେ ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସରେ ଶ୍ରେଷ୍ଠ ଶିକ୍ଷୟତ୍ରୀ ଭାବେ ସମ୍ମାନିତ ହୋଇଥିଲେ। ତାଂକରି ଅନୁପସ୍ଥିତି ବିଦ୍ୟାଳୟରେ ନିଶ୍ଚିତ ଭାବେ ପ୍ରଭାବିତ କରିବ ବୋଲି ନିଜ ବକ୍ତବ୍ୟରେ ସହକର୍ମୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ନିଜ ମନ୍ତବ୍ୟରେ ପ୍ରକାଶ କରିଥିଲେ। ତଥା ଆଗାମୀ ଦିନ ତାଂକର ସୁସ୍ଥ ଓ ନିରାମୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ ।ଶେଷରେ ଶିକ୍ଷୟତ୍ରୀ ବବିତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।ସ୍ମିତାଲୀ ମହାପାତ୍ର, ଗୀତା ପଟ୍ଟନାୟକ, ଏମ୍.ପ୍ରିୟଂକା, ମୋହନ ବାରିକ, ଗୌରି ଗୌଡ, ସୁନୀତା ପାତ୍ର, ରତ୍ନମାଳା ଜେନା, ଏମ୍. ଲୀଳାବେଣୀ,ଧୀରେନ୍ଦ୍ର ସାମଲ, ଶିବକୁମାର,ରବିନ୍ଦ୍ର ପ୍ରଧାନ ତଥା ବିଦାୟୀ ଶିକ୍ଷୟତ୍ରୀଂକ ସ୍ୱାମୀ ବିଶିଷ୍ଟ ସମାଜସେବୀ ଭାଗବତ ପାଢୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ପାଣିଗ୍ରାହୀ ଏହି ସୁନ୍ଦର କାର୍ଯ୍ୟକ୍ରମ ପାଇଁ ସମସ୍ତ ସହକର୍ମୀ ମାନଂକୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ ତଥା ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଦୀର୍ଘ ୨୫ ବର୍ଷର ଅନୁଭୂତି ହୋଇ ରହିବ ବୋଲି ସେ ନିଜର ମନ୍ତବ୍ୟରେ ପ୍ରକାଶ କରିଥିଲେ ।ଏଥିରେ ବିଦ୍ୟାଳୟର ଅଭିଭାବକ ତଥା ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ସାହାରପଡା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକଙ୍କୁ ଅସର କାଳୀନ ସମ୍ବର୍ଦ୍ଧନା



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ସାହାରପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ତରଫରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ଅସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ରେ ଦୀନବନ୍ଧୁ ମିଶ୍ରଙ୍କ ୧୯୮୪ମସିହା ରୁ ସମବାୟ ସମିତିରେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୨ମସିହାରେ ଶ୍ରୀ ମିଶ୍ର ସାହାରପଡା କେନ୍ଦ୍ର ସମବାୟ ବ୍ୟାଙ୍କ ରେ ଶାଖା ପରିଚାଳକ ଭାବେ ଯୋଗଦେଇ କରି ଥିଲେ। ସାହାରପଡା କେନ୍ଦ୍ର ସମବାୟ ବ୍ୟାଙ୍କ ରେ ତାଙ୍କ କାର୍ଯ୍ୟ କୁ ନେଇ ସାହାରପଡ଼ା ବାସୀଙ୍କ ପାଖେ ରେ ନିଜର କାର୍ଯ୍ୟ ନିଷ୍ଠାର ସହିତ କାର୍ଯ୍ୟ କରି ବେଶ୍ ପ୍ରସଂଶା ସାଉଁଟି ପାରିବା ସହ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସାହାରପଡା ଶାଖା କୁ ଜିଲ୍ଲାରେ ଏକ ନମ୍ବର କରିବାରେ ସଫଳ ଆଣିଥିଲେ। ସେ ଜଣେ ମିଷ୍ଟ ଭାସି ,ଧର୍ମ ପରାୟଣ ବ୍ୟକ୍ତି ଭାବେ ସମସ୍ତ ଙ୍କ ପ୍ରିୟ ଭାଜନ ହୋଇଥିଲେ । ତାଙ୍କର ଅସର କାଳୀନ ବିଦାୟ ସଭାରେ ସାହାରପଡା ବାସି ତାଙ୍କୁ ଫୁଲତୋଡା ଓ ଉପଢ଼ୌକନ ଦେଇ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି।

## ପାରାଦୀପ ବନ୍ଦରରେ ସେଲର ଆମଦାନୀ କୋଇଲା ଓ ଚୂନପଥର ଉପରେ ନଜର ରଖିବ ସିସିଟିଭି

ପାରାଦୀପ (ମହାଭାରତ): ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ) ର ବ୍ରାଞ୍ଚ ଟ୍ରାନ୍ସପୋର୍ଟ ଆଣ୍ଡ ସିପିଙ୍ଗ ଅଫିସ ର ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ରେ ଆମଦାନୀ କୋଇଲା ଗଛିତ ପାଇଁ ପ୍ଲଟ ଏସ-୯, ଏସ-୧୧ ଏବଂ ଚୂନପଥର ପାଇଁ ଏସ-୬ ପ୍ଲଟ ରେ ଆମଦାନୀ ପଣ୍ୟ ଆନ୍ତଃ ପରିବହନ, ମାଲ ଖଲାସ, ପଣ୍ୟ ଗଛିତ ଓ ୱାଗନ ବୋଝେଇ କାର୍ଯ୍ୟକଳାପ ତଦାରଖ ଲାଗି ସେଠାରେ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି । ଏହି କ୍ୟାମେରା ଲଗାଯିବା ଦ୍ୱାରା ପ୍ଲଟ ପରିଚାଳନା, ପଣ୍ୟ ମିଶ୍ରଣ ଦୂରୀକରଣ,ସେଲ ର ନିଜ ଷ୍ଟିଲ ପ୍ଲାଣ୍ଟ କୁ ରେକ ଦ୍ୱାରା ଉତ୍ତମ ପଣ୍ୟ ଯୋଗାଣ ରେ ସୁବିଧା ହେବ । ଏହି ନୂତନ ସିସିଟିଭି ଓ ଏହାର ନିୟନ୍ତ୍ରଣ କକ୍ଷ କୁ ସେଲ ର ଇଡି (ଏଲ ଆଣ୍ଡ ଆଇ) ସୁଭାଷ କୁମାର ଦାସ ଶନିବାର ଦିନ ସେଲ ଅଫିସ ର ପାରାଦୀପ ଶାଖା କାର୍ଯ୍ୟାଳୟ ରେ ଉଦଘାଟନ କରିଥିଲେ ।



## ଜିପିଏମ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ଓ ଷ୍ଟିଭେଡୋର୍ସ ଆସୋସିଏସନ ମଧ୍ୟରେ ଆଲୋଚନା

ପାରାଦୀପ(ମହାଭାରତ): ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିଅନ ଏବଂ ପାରାଦ୍ୱୀପ ଷ୍ଟିଭେଡର୍ସ ଆସୋସିଏସନ ମଧ୍ୟରେ ଜିପିଏମ (ଜେନେରାଲ ପର୍ପୋଜ ମଜଦୁର) ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ ପାଇଁ ଶନିବାର ଦିନ ଏକ ୯ଦଫା ଦାବି ସମ୍ବନ୍ଧରେ ଏମ୍ପାୟାର୍ସ ହୋଟେଲ ର ସମିଳନୀ କକ୍ଷ ରେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନା ରେ ସାଂସଦ ତଥା ୟୁନିଅନ ର ସଭାପତି ଡ଼ଃ.ବିଭୁ ପ୍ରସାଦ ତରାଇ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ୭ଗୋଟି ଦାବି ଯଥା, ଜପଏମ ଶ୍ରମିକ ମାନଙ୍କୁ ୟୁନିଫୋର୍ମ, ଅବସର କାଳୀନ ଗ୍ରାଚୁଇଟି, କର୍ମକ୍ଷେତ୍ରରେ ଦୁର୍ଘଟଣା ଜନିତ ମୃତ୍ୟୁ ବରଣ କଲେ ଆସୋସିଏସନ ତରଫରୁ ୫ଲକ୍ଷ୍ୟ ଟଙ୍କା ର ବୀମା ରାଶି ଏବଂ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ



ଚାକିରୀ, କର୍ମକ୍ଷେତ୍ର ରେ ଆଘାତ ହୋଇ ଚିକିତ୍ସା ସମୟରେ ପୂର୍ଣ୍ଣ ଦରମା, ଶାରୀରିକ ଅକ୍ଷମଙ୍କୁ ଅନୁକମ୍ପା ରାଶି ଓ କ୍ୱାର୍ଟର ଦେବା ପାଇଁ ବନ୍ଦର ଅଧକ୍ଷ ଙ୍କୁ ଅନୁରୋଧ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।ବାକି ରହିଥିବା ଦାବି ଗୁଡିକ ୨୦୨୬ ମସିହାର ପରବର୍ତ୍ତୀ ଚୁକ୍ତିନାମା ରେ ଆଲୋଚନା କରିବା ପାଇଁ ଷ୍ଟିଭଡୋର୍ସ ଆସୋସିଏସନ ର ସଭାପତି ମହିମାନନ୍ଦ ମିଶ୍ର ଙ୍କ ସହିତ ସମ୍ପାଦକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଭାତ ନନ୍ଦୀ, ଅକ୍ଷୟ କୁମାର ସୁତାର, ଶରତ ଚନ୍ଦ୍ର ହାତୀ, ଧର୍ମେନ୍ଦ୍ର ପତି ଏବଂ ଅନ୍ୟ ମାଲିକ ମାନେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଆଲୋଚନା ରେ ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧକ୍ଷ ବ୍ରିଜେଶ ଲେଙ୍କା, ସମ୍ପାଦକ ବିପ୍ଳବ ଜେନା ଙ୍କ ସହିତ ଜପିଏମ ନେତା କାଳୁ ଚରଣ ବରାଳ, ବିରଞ୍ଚି ସୁନ୍ଦରାଏ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଉଦଳା ରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ଉଦଳା(ମହାଭାରତ):ଐଶର୍ଯ୍ୟଲକ୍ଷ୍ମୀ ଚାରିଟେବଲ ଟ୍ରଷ୍ଟ ଏବଂ ଉତ୍କଳୀୟ ସେବା ସଂଗଠନ ମିଳିତ ଉଦ୍ୟମ ରେ ବାରିପଦା ସ୍ଥିତ ସାଇ ଏକ୍ସ-ରେ, ପାଥୋଲୋଜି ଓ ନର୍ସିଂ ହୋମ ସହାୟତା ରେ ଉଦଳା ସ୍ଥିତ ଭୀମତାଳି ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେଇଯାଇଛି । ଏହି ଶିବିର କୁ ଉଦଳା ଥାନାର ଭାରପ୍ରାପ୍ତ ଅଧିକାରୀ ବନମାଳୀ ବାରିକ ଉଦଘାଟନ କରିଥିବା ବେଳେ ଡ଼ଃ ଐଶର୍ଯ୍ୟରାଜ ପତି ଙ୍କ ପ୍ରତକ୍ଷ ତତ୍ୱାବଧାନ ରେ ଏକ ୨୫ ଜଣିଆ ଡାକ୍ତରୀ ଟିମ ଏହି ଶିବିର ରେ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ ଭୀମତାଳି ଗ୍ରାମପଞ୍ଚାୟତ ର ସମିତିସଭ୍ୟ ତଥା ଉଦଳା ବ୍ଲକ ଭାଇସଚେୟାରମ୍ୟାନ ରଜନୀ ରଞ୍ଜନ ଦାସ, ଭୀମତାଳି ସରପଞ୍ଚ ବିଜୟା ମୁର୍ମୁ ମଧ୍ୟ ଏହି ଶିବିର ରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ଏହି ଶିବିର ରେ ନିଃଶୁଳ୍କ ଡାକ୍ତର ପରାମର୍ଶ ସହ ବିଭିନ୍ନ ରକ୍ତପରୀକ୍ଷା, ଇସିଜି ସହ ନିଃଶୁଳ୍କ ମେଡ଼ିସିନ ମଧ୍ୟ ଦିଆଯାଇଥିଲା ଏହି ଶିବିର ରେ ସର୍ବମୋଟ ୨୮୦ ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯିବା ସହ ନିଃଶୁଳ୍କ ମେଡ଼ିସିନ ମଧ୍ୟ ଦିଆଯାଇଥିଲା ଡାକ୍ତରୀସେବା କ୍ଷେତ୍ର ରେ କୌଣସି ରୋଗୀ ଟଙ୍କା ବିନା ଚିକିତ୍ସା ପାଇବା ରୁ ବଞ୍ଚିତ ରହିବେନି ଏବଂ ଯେକୌଣସି ଆର୍ଥିକ ଅନଗ୍ରସର ରୋଗୀଙ୍କୁ ସବୁ ସମୟରେ ନିଃଶୁଳ୍କ ସେବା ଯୋଗାଇବା



ପାଇଁ ଆମେ ବଦ୍ଧ ପରିକର ବୋଲି କହିଥିଲେ ଡ଼ଃ ଐଶର୍ଯ୍ୟରାଜ ପତି ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶ କୁ ନେଇ ସର୍ବଦା କାର୍ଯ୍ୟ କରୁଥିବା ଉତ୍କଳୀୟ ସେବା ସଂଗଠନ ଆଗାମୀ ଦିନ ରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ କିଛି ପଦକ୍ଷେପ ନେବାକୁ ଯାଉଥିବା ବୋଲି କହିଛନ୍ତି ସଂଗଠନ ର ପ୍ରତିଷ୍ଠାତା ସଞ୍ଜୀବ ସାଏବାବୁ ଏହି କାର୍ଯ୍ୟକ୍ରମ କୁ ଦନାର୍ଦନ ନାୟକ, ଦୀନବନ୍ଧୁ ରାଉତ, ଶୁଭମ ପାତ୍ର, ପ୍ରମୋଦ ମଲ୍ଲିକ, ବୀରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ଶିବିର କୁ ସୁପରିଚାଳନା କରିଥିଲେ।

## ଗୋଲଡେନ ସ୍ପୋର୍ଟ୍ସ କ୍ଲବ ନକ୍ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ
## ନିୟମଗିରି ବେଦାନ୍ତ ନଗରକୁ ହରାଇ ଚଣାଲିମା ଚାମ୍ପିଅନ୍

ଲାଞ୍ଜିଗଡ଼,( ମହାଭାରତ)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ନିୟମଗିରି ବେଦାନ୍ତ ନଗର ଖେଳପଡିଆଠାରେ ଗୋଲଡେନ ସ୍ପୋର୍ଟ୍ସ କ୍ଲବ ଏବଂ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ ମିଳିତ ଆନୁକୂଲ୍ୟରେ ନକ୍ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ମ୍ୟାଚ୍ ନିୟମଗିରି ବେଦାନ୍ତ ନଗର ଓ ଚଣାଲିମା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚଣାଲିମା ଦଳ ପ୍ରଥମେ ବ୍ୟାଟିଂ କରି ୧୩ ଓଭର ବିନିମୟରେ ୯ ଉଇକେଟ୍ ହରାଇ ୧୭୭ ରନ୍ କରିଥିଲେ ।ଜବାବରେ ନିୟମଗିରି ବେଦାନ୍ତ ନଗର ଦଳ ୧୩ ଓଭର ବିନିମୟରେ ୯ ଉଇକେଟ୍ ହରାଇ ୧୧୧ ରନ୍ କରି ଚଣାଲିମା ଦଳ ଠାରୁ ପରାଜୟ ହୋଇଥିଲେ। ଏହି ମ୍ୟାଚରେ ଚଣାଲିମା ୬୬ ରନରେ ଚାମ୍ପିଅନ ହେଇଥିଲା ।ଆଜିର ଫାଇନାଲ ମ୍ୟାଚରେ ବିରଞ୍ଚି ମାଝୀ ଓ ମନୋଜ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ମଧୁସୂଦନ ବାଗ ଓ ଦୁଷ୍ମନ୍ତ



ପ୍ରଧାନୀ ସହଯୋଗ କରିଥିଲେ ।ସେହିପରି ସ୍କୋର ବୋର୍ଡରେ ରାଜେନ୍ଦ୍ର ମାଝୀ ସହଯୋଗ କରିଥିଲେ ।ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ବାହ୍ୟ ବ୍ୟାପାର ବିଭାଗର ମୁଖ୍ୟ ପ୍ରବୀଣ କୁମାର ଦାସ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ସିଏସ୍ ଆର ମୁଖ୍ୟ ଶିଶିର ତରଫଦାର,ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବାତେଲିମା ସରପ□ କରୁଣା ମାଝୀ, ଜଗନ୍ନାଥପୁର ସରପ□ ମୁଗାନା ମାଝୀ, ବସନ୍ତ ପଡା ସମିତି ସଭ୍ୟ ପୁଙ୍ଗରି ମାଝୀ, ଜଗନ୍ନାଥ ପୁର ସମିତି ସଭ୍ୟ ପ୍ରଦୀପ ମାଝୀ,ବେଦାନ୍ତ ପକ୍ଷରୁ ଓଁକାର ଆଚାର୍ଯ୍ୟ ଓ ସାନ୍ତାନୁ ବିଶି,ସମାଜସେବୀ ରଘୁ ପାଣି,ଆରବିକେ କଲୋନୀ ମୁଖ୍ୟ ସୁବାଷ ଦଣ୍ଡସେନା,ଯୁବ ସମାଜସେବୀ ଦଶରଥ ମାଝୀ ଓ ହରି ମାଝୀ, ବରିଷ୍ଠ ସମାଜସେବୀ ପୁଙ୍ଗରି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ଓଏହି କାର୍ଯ୍ୟକ୍ରମରେ ନିୟମଗିରି ବେଦାନ୍ତ ନଗର ଗୋଲଡେନ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ସଭାପତି ପବିତ୍ର ମାଝୀ,ଉପସଭାପତି ସନ୍ତୋଷ ମାଝୀ, ସମ୍ପାଦକ ଶତ୍ରୁଘନ ଚାଲାଣ, ସହ ସମ୍ପାଦକ କପୁର ନାଗ, କୋଷାଧକ୍ଷ ଜିତେନ୍ ମାଝୀ,ଦୁଷ୍ମନ୍ତ ପ୍ରଧାନୀ, ଶତ୍ରୁଘନ ପ୍ରଧାନୀ,ସୋମେଶ ମାଝୀ, ପ୍ରଶାନ୍ତ ମାଝୀ, ଗୋବିନ୍ଦ ମାଝୀ, ସୁବ୍ରତ ମାଝୀ ,ଭୁଜ ମାଝୀ, ଲଳିତ ଚାଲାଣ, ଶେଷଦେବ ଚାଲାଣ,ମୁନା ମାଝୀ ସମେତ ସ୍ପୋର୍ଟ୍ସ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ପ୍ରତିଯୋଗିତା ମେ ୧୯ ତାରିଖରେ ଆରମ୍ଭ ହୋଇ ଆଜି ଫାଇନାଲ ମ୍ୟାଚ ଖେଳା ଯାଇଥିବା ବେଳେ ଏଥିରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ବିଜେତାଙ୍କୁ ଟ୍ରଫି ,ମେଡାଲ ସହ ୪୪,୪୪୪ ଟଙ୍କା ଏବଂ ଉପ ବିଜେତାଙ୍କୁ ଟ୍ରଫି,ମେଡାଲ ସହ ୩୩,୩୩୩ ଟଙ୍କାର ପୁରସ୍କାର ରାଶି ଚେକ ଦ୍ୱାରା ପ୍ରଦାନ କରାଗଲା ଓ ଲାଞ୍ଜିଗଡ ରୁ ସୁଶାନ୍ତ ମାଝୀ ଙ୍କ ରିପୋର୍ଟ ମହାଭାରତ।

## ଜାମୁକୋଳି ଖାଇବା ହେଲା କାଳ; ଗଛରୁ ପଡ଼ି ନାବାଳକ ମୃତ

ନାକଟିଦେଉଳ: ଜାମୁକୋଳି ଖାଇବା ହେଲା କାଳ। ଜାମୁକୋଳି ଖାଇବା ପାଇଁ ଗଛକୁ ଚଢିଥିବାବେଳେ ଗଛରୁ ତଳକୁ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଗଛରୁ ତଳକୁ ପଡ଼ି ଯିବାରୁ ତଳେ ଥିବା ଏକ ବାଡ଼ର ବାଡ଼ି ବାଳକର ପେଟରେ ପଶି ଅପର ପାର୍ଶ୍ୱରେ ବାହାରି ଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମରେ। ମୃତ ନାବାଳକ ଜଣଙ୍କ ହେଲେ ଗଦାଧରପୁର ଗ୍ରାମର ରବି କଂସାରୀଙ୍କ ପୁଅ ବାବୁସାନ କଂସାରୀ(୧୧) ।ସୂଚନା ଅନୁସାରେ, ଗଦାଧରପୁର ସ୍କୁଲ ନିକଟ ଝରା ସାହିର ବାବୁସାନ କଂସାରୀ ରବିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଅନ୍ୟ ସାଥୀଙ୍କ ସହିତ ମିଶି କୋଳି ଖାଇବାକୁ ଘର ନିକଟ ଏକ ଜାମୁ ଗଛରେ ଚଢିଥିଲେ ।ବାବୁସାନ ଗଛକୁ ଚଢି ଜାମୁକୋଳି ତୋଳୁଥିବାବେଳେ ଅସାବଧାନତାବଶତଃ ଗଛରୁ ତଳକୁ ଖସି ପଡ଼ିଥିଲେ। ତେବେ ଗଛ ତଳେ ଏକ କାଠ ବାଡା ଥିବାବେଳେ ବାଡାର ଏକ କାଠ ଖୁଣ୍ଟି ବାବୁସାନଙ୍କ ପେଟରେ ଗଳି ଅପର ପାର୍ଶ୍ୱକୁ ବାହାରି ଯାଇଥିଲା। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ବାବୁସାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ନାକଟିଦେଉଳ ଡାକ୍ତରଖାନାକୁ ଆଣିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବାବୁସାନ ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ପଢୁଥିଲେ।

## ଜବରଦଖଲ ଉଚ୍ଛେଦ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଓ ସମ୍ବିଧାନ ବଞ୍ଚାଅ ନେଇ କଂଗ୍ରେସ ଦଳର ସାମ୍ବାଦିକ ସମ୍ମିଳନୀ

ରାଇରଙ୍ଗପୁର (ମହାଭାରତ): ଡବଲ ଇଞ୍ଜିନ ସରକାର ଓଡ଼ିଶା ଆସିଲା ପରେ ରାଇରଙ୍ଗପୁର ସହରକୁ କୋଟି କୋଟି ଟଙ୍କାର ପ୍ରକଳ୍ପର ସୁଅ ଛୁଟିଛି ।ପ୍ରକଳ୍ପ ପାଇଁ ସରକାରୀ ଜମି ଆବଶ୍ୟକତା ରହିଛି । କିନ୍ତୁ ସରକାରୀ ଜମି ମାଫିଆ, ଜବରଦଖଲକାରୀ ଙ୍କ କବଜାରେ ।ଯାହାଫଳରେ ପ୍ରକଳ୍ପ ଆଗେଇ ପାରୁନାହିଁ । ସେଥିପାଇଁ ସରକାର ନିଜ ସରକାରୀ ଜମିକୁ ହାତକୁ ନେବାପାଇଁ ଜବରଦଖଲ ଉଚ୍ଛେଦ ର୍ଦିଘ ୩ ମାସ ହେଲା ଆରମ୍ଭ କରିଛନ୍ତି । କିଛି କିଛି ସ୍ଥାନରେ ଜରଦଖଲ ଉଚ୍ଛେଦ କରାଗଲାଣି ।ଉଚ୍ଛେଦ କ୍ଷତିଗ୍ରସ୍ତ ଲୋକଙ୍କୁ ତରବାରିଆ ଭାବରେ ଉଚ୍ଛେଦ କରାଯାଇଛି,କିଛି ସରକାରୀ ସ୍ଥାନରେ ସରକାରଙ୍କ ତରଫରୁ ଆବାସ ଯୋଜନାରେ ଘର,ଆଲୁଅ,ପାଣି ଯୋଗାଇ ଯାଇଥିଲା ତାକୁ ମଧ୍ୟ ଡୋଜର ଲଗାଇ ଭଙ୍ଗା ଯାଇଛି ଯାଇଦାପୋଷୀ,ଦାଣ୍ଡୋଷ, ନୂଆଗାଁ ରେ ୬୦ ରୁ ଉର୍ଦ୍ଧ ଜବରଦଖଲକାରୀଙ୍କୁ ତରବାରିଆ ଭାବରେ ଉଚ୍ଛେଦ କରାଯାଇଛି ବିନା ପଲ୍ଲୀ ସଭାରେ ।ଉଚ୍ଛେଦ କ୍ଷତିଗ୍ରସ୍ତ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି । ସେମାନଙ୍କୁ ମାନବୀୟ ସାହାଯ୍ୟ ,ସହଯୋଗ ଏବଂ ସେମାନଙ୍କୁ ନ୍ୟାୟ ଦେବାପାଇଁ ଅଣ୍ଟା ମିଳିଛି କଂଗ୍ରେସ ଦଳ । ଇତି ମଧ୍ୟରେ କଂଗ୍ରେସ ଅନୁସନ୍ଧାନ କାରୀ ଦଳ,ପରେ ପରେ ପିସି ସଭାପତି ଭକ୍ତ ଦାସ କ୍ଷତିଗ୍ରସ୍ତ ଲୋକଙ୍କୁ ସାକ୍ଷାତ କରି ଫେରି ଯାଇଛନ୍ତି। ତାଙ୍କରି ନିର୍ଦ୍ଦେଶରେ ଆଜି ଅପରାହ୍ନରେ କଂଗ୍ରେସ ଦଳ ତରଫରୁ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ଜିଲ୍ଲା ସଭାପତି ଭୁବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପିସିସି ଓବିସି ସେଲ ସଭାପତି ଆଡଭୋକେଟ ଏବଂ ପରିବେଶବିତ୍ ମାନସ ମଲ୍ଲିକ, ରାଇରଙ୍ଗପୁର ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ,ପ୍ରାକ୍ତନ ରାଇରଙ୍ଗପୁର କଂଗ୍ରେସ





ବିଧାୟକ ଶାମ ଚରଣ ହାଁସଦା,ପ୍ରାକ୍ତନ ହଳଦା ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତୀ,ବଡ଼ସାହି ବିଧାୟକ ପ୍ରାର୍ଥୀ ଖିରୋଦ ପାତ୍ର, ବସନ୍ତ ପଟ୍ଟନାୟକ, ଭାଗିରଥି ପାତ୍ର,ଚିକୁ ମହାନ୍ତି,ଭଜହରି ମହାନ୍ତ, ଏବଂ ଅନ୍ୟ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀରେ ଓବିସି ନେତା ମାନସ ମଲ୍ଲିକ କହିଥିଲେ ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ଆଖପାଖ ଅଂଚଳର ଜବରଦଖଲ ରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆବାସ ଯୋଜନା, କ୍ଷୟକ୍ଷତିପୂରଣ,ବିଶୋଇରେ କାଳବୈଶାଖୀ ରେ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ଏବଂ ସମ୍ବିଧାନ ବଞ୍ଚାଅ ନେଇ କଂଗ୍ରେସ ଦଳ ତରଫରୁ ଆସନ୍ତା ଜୁନ ୨ ତାରିଖରୁ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ବିଶାଳ ପଦଯାତ୍ରା ରାଇରଙ୍ଗପୁର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପାଖରେ ପହଞ୍ଚି ପ୍ରତିବାଦ ଜଣାଇବା ସହ ଧାରଣାରେ ବସିବ । କଂଗ୍ରେସ ଦଳ ହେଉଛି ଗରୀବ,ଖଟିଖିଆ,ପ୍ରପିଡିତ,ଅସହାୟ ଦଳ ।ମା'ର ମାଟିମାନୁଷର ସ୍ୱର । ସେମାନଙ୍କ ସମସ୍ୟା ପାଇଁ ରାଜରାସ୍ତାକୁ ଓହ୍ଲାଇବ । ତେଣୁ ସରକାର କ୍ଷତିଗ୍ରସ୍ତ ଲୋକଙ୍କୁ ଙ୍କ ନ୍ୟାୟ ତୁରନ୍ତ ଦେବାପାଇଁ ବ୍ୟବସ୍ଥା କରନ୍ତୁ ।

## ମିଶନଶକ୍ତି ପ୍ରକଳ୍ପ ଖଡ଼ିଆଳ ବ୍ଲକରେ ଏକ ପ୍ରହସନ
## କାଗଜପତ୍ରରେ ତିନି ହଜାରରୁ ଉର୍ଦ୍ଧ ଲକ୍ଷପତି ଦିଦି ବାସ୍ତବତାରେ ନାଁ ଗନ୍ଧ ନାହିଁ

ଖଡ଼ିଆଳ:(ମହାଭାରତ) ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରି ମହିଳା ମାନଙ୍କୁ ପ୍ରତ୍ୟୋକ କ୍ଷେତ୍ରରେ ଅଗ୍ରାଧିକାର ଦେବା ଉଦେଶ୍ୟରେ ପୂର୍ବ ବିଜେଡି ସରକାର ନାରୀ ସଶକ୍ତି କୁ ଦୃଷ୍ଟି ରେ ରଖି ଜୀବିକା ମିଶନ - ମିଶନ ଶକ୍ତି ଜରିଆରେ ନାରୀ ଜାଗରଣ ଆରମ୍ଭ ହୋଇଥିଲା ଓ ଏହାକୁ ବର୍ତ୍ତମାନ ନୂତନ ସରକାର ମଧ୍ୟ ପ୍ରାଧାନ୍ୟ ଦେଇ ମହିଳା ମାନଙ୍କ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଗ୍ରାମାଞ୍ଚଳ ଠାରୁ ନେଇ ସହରାଞ୍ଚଳ ରେ ଏସଏଚଜି ନାଁ ରେ କୋଟିକୋଟି ଟଙ୍କା ଋଣ ଦେଇ ନାରୀ ସଶକ୍ତି କୁ ଆଗେଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏଥି ପାଇଁ ଜିଲ୍ଲା ସ୍ତରରୁ ବ୍ଲକ ଓ ପଞ୍ଚାୟତ ସ୍ତରରେ ତାକୁ ନିୟନ୍ତ୍ରଣ ଓ ଏସଏଚଜି ମାଁ ମାନଙ୍କୁ ସହଯୋଗ କରିବା ପାଇଁ ଏମବିକେ , ସିଆରପି ମାନେ ନିୟୋଜିତ ହୋଇଛନ୍ତି ।ଏହି ପରିପେକ୍ଷି ରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ର ୨୬ ଗୋଟି ପଞ୍ଚାୟତ ରେ ମଧ୍ୟ ଏହା କାର୍ଯ୍ୟକାରୀ ଚାଲିଛି । ବର୍ତ୍ତମାନ ୨୬ ଗୋଟି ପଞ୍ଚାୟତ ରେ ୧୯୭୩ ଗୋଟି ଏସଏଚଜି ଗଠନ ହୋଇ ସାରିଥିବା ବେଳେ ସେମାନଙ୍କ ପାଇଁ ବିଭାଗୀୟ କର୍ମଚାରୀ ଙ୍କ ସହ ୨୬ ଜଣ ଏମବିକେ ସହ ୮୦ ଜଣ ସିଆରପି ନିଜନିଜ ପଞ୍ଚାୟତ ଅଧୀନ ରେ କାମ କରୁଛନ୍ତି । ସିଆରପି ଓ ଏମବିକେ ମାନେ ଏସଏଚଜି ଙ୍କ କାଗଜ ପତ୍ର କାମ ରେ ସହଯୋଗ ସହ ବିଭିନ୍ନ କ୍ଷେତ୍ର ରେ ସେମାନଙ୍କୁ ସଚେତନ କରି ସହଯୋଗ କରି ବ୍ୟାଙ୍କ ଠାରୁ ଋଣ ପ୍ରଦାନ ରେ ସହଯୋଗ କରିବା । ସେହି ଋଣ ଟଙ୍କା କିପରି ଭାବରେ ଠିକ୍ କାମରେ ବିନିଯୋଗ କରି ଋଣ ପରିଶୋଧ ହେବ ଓ ଏସଏଚଜି ମହିଳା ମାନେ ସ୍ୱାବଲମ୍ବୀ ହୋଇ ନିଜ ଗୋଡ଼ରେ ନିଜ ଠିଆ ହୋଇ ଲକ୍ଷ ପତି ଆଖ୍ୟା ପାଇ ସରକାର ଙ୍କ ସହଯୋଗ ପାଇବେ ସିଆରପି ଏମବିକେ ମାନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ରହିଛି । ବର୍ତ୍ତମାନ ଖଡ଼ିଆଳ ବ୍ଲକ ରେ ୧୦୬୦ ଗୋଟି ଏସଏଚଜି ହାରାହାରି ସାଢ଼େ ତିନିକୋଟି ଟଙ୍କା ଋଣ ନେଇଥିବା ବେଳେ ଏଥିରେ ୩୮୨୧ ଜଣ ମହିଳା ଲକ୍ଷପତି ଆଖ୍ୟା ହାସଲ କରି ସାରିଛନ୍ତି । ଏସଏଚଜି ମାଁ ମାନେ ନିଜ ଗ୍ରୁପ ହେଉ କିମ୍ବା ବ୍ୟକ୍ତିଗତ ଭାବରେ ବିଭିନ୍ନ ପ୍ରକାର ବ୍ୟବସାୟ ଯେମିତି କି ଗୋ ପାଳନ, ଛେଳି, କୁକୁଡ଼ା ପାଳନ, ବିଭିନ୍ନ ପ୍ରକାର ଚାଷ, ଦୋକାନ ଦେଇ ସ୍ୱାବଲମ୍ବୀ ହୋଇ ପାରିବେ । ହେଲେ ଖଡ଼ିଆଳ ବ୍ଲକ ରେ ଏମିତି ଏକ ଉଦାହରଣ ମଧ୍ୟ ଦେଖିବା କୁ ମିଳି ପାରିନାହିଁ ତାହା ଏକ ଆଶ୍ଚର୍ଯ୍ୟ ଜନକ କଥା । କେବଳ କାଗଜ କଲମ ରେ ସବୁ ଚାଲୁଥିବା ବେଳେ ଲକ୍ଷପତି ଦିଦି ମଧ୍ୟ ଏକ ପ୍ରହସନ ଭଳି ମନେ ହୁଏ । ସବୁ ଠୁ ସଙ୍ଗୀନ ଅଭିଯୋଗ ଏଠି ଏସଏଚଜି ମାନଙ୍କୁ ଦିଆଯାଉଥିବା ଗୋଷ୍ଠୀ ବିନିଯୋଗ ପାଣ୍ଠି (ସିଆଇଏଫ) ଋଣ ପ୍ରଦାନ ରେ ପ୍ରତି ଋଣ ପିଛା ଏମବିକେ ଓ ସିଆରପି ମାନେ ହଜାରେ ରୁ ପନ୍ଦର ଶହ ଟଙ୍କା ନେଉଥିବା ନାମ ଗୋପନ ରଖି କିଛି ମହିଳା ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପାଖ ରେ ପ୍ରକାଶ କରିଛନ୍ତି। ଏ ଅଭିଯୋଗ ବାବଦ ରେ ଆମେ ଖଡ଼ିଆଳ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ପରିଚାଳକ (ବିପିଏମ) ଙ୍କୁ ପଚାରିବା ରୁ ଘଟଣା ସ୍ୱୀକାର କରିବାସହ ମୋ ପାଖରେ ମଧ୍ୟ ଏକ ବିଶେଷ ସୂତ୍ର ରୁ ଏହି ଖବର ଆସିଛି ହେଲେ କେଉଁ ପଂଚାୟତ ରେ ଏହି ଘଟଣା ଘଟିଛି ସଠିକ୍ ତଥ୍ୟ ନାହିଁ କିମ୍ବା ମୋତେ କିଏ ଲିଖିତ ଅଭିଯୋଗ କରି ନାହାଁନ୍ତି ବୋଲି ମତାମତ ଦେବାସହ ମୁଁ ଗୋଷ୍ଠୀଉନ୍ନୟନ ଅଧିକାରୀ ଖଡ଼ିଆଳ ଙ୍କୁ ଜଣାଇ ସାରିଛି ଯଥା ଶୀଘ୍ର ଏକ ଏକ ଟିମ ଗଠନ କରାଯାଇ ତାର ତଦନ୍ତ କରାଯିବ ଓ ଯିଏ ଦୋଷୀ ସାବ୍ୟସ୍ତ ହେବ ତା ବିରୁଦ୍ଧ ରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ସରକାର ନାରୀ ଜାଗରଣ ନାଁ ରେ ବିଭିନ୍ନ ପ୍ରକାର ହାତ କୁ ନେବା ବେଳେ ଏହାକୁ ଭଣ୍ଡୁର କରିବା ଉଦ୍ଦେଶ୍ୟ ରଖୁଥିବା କର୍ମଚାରି କିମ୍ବା ଅଧିକାରୀ ଙ୍କ ବିରୁଦ୍ଧ ରେ ଉଚିତ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଜିଲ୍ଲା ପ୍ରଶାସନ ପାଇଁ ଜରୁରୀ ହୋଇ ପଡିଛି । ଅପରପକ୍ଷରେ ଲକ୍ଷପତି ଦିଦି ମାନଙ୍କ ବାସ୍ତବତା କାଗଜ କଲମ ରେ ହେଉଥିବା ଅଭିଯୋଗ କୁ ଏହାର ସତ୍ୟାସତ୍ୟ ଲୋକ ଲୋଚନ କୁ ଆଣି ଅନ୍ୟ ଏସଏଚଜି ମାଁ ମାନଙ୍କ ପାଇଁ ଉଦାହରଣ ଓ ପ୍ରେରଣା ଦେବା ଜରୁରୀ ହୋଇ ପଡିଛି । ଏହା ହେଲେ ହିଁ ଆଗାମୀ ଦିନ ରେ ମିଶନ ଶକ୍ତି ଖଡ଼ିଆଳ ବ୍ଲକ ରେ ନିଜ ର ଗୌରବ ବଜାୟ ରଖି ପାରିବ ବୋଲି ମାଁ ମାନେ ଦାବି କରିଛନ୍ତି।

## ଜର୍ମାନୀର ଏକ ହସପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ, ୩ ମୃତ

ନୂଆଦିଲ୍ଲୀ : ଜର୍ମାନୀର ହମ୍ବର୍ଗ ସହର ସ୍ଥିତ ଏକ ହସପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ । ଅଗ୍ନିକାଣ୍ଡ ଯୋଗୁଁ ହସପିଟାଲରେ ୩ ଜଣ ରୋଗୀଙ୍କ ମୃତ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ସ୍ଥାନୀୟ ଅଧିକାରୀ ରବିବାର ସୂଚନା ଦେଇଛନ୍ତି । ଖବର ମୁତାବକ, ଜର୍ମାନୀର ହମ୍ବର୍ଗ ସହରରେ ଥିବା ମେରୀନ କ୍ରୋକେନହାଉସ ହସପିଟାଲରେ ନିଆଁ ଲାଗିଯାଇଥିଲା । ନିଆଁ ଭୂତଳରେ ଥିବା ଵୃଦ୍ଧ ରୋଗୀଙ୍କ ୱାର୍ଡରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ପରେ ଚାରିଆଡେ ଧୂଆଁମୟ ହୋଇଯାଇଥିଲା । ୪ ମହଲା ବିଲଡିଂ ହସପିଟାଲରେ ଧୂଆଁ ବ୍ୟାପିଯାଇତିଲା । ଫଳରେ ୩ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ରହିଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ତେବେ ଅନ୍ୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଘଟଣା ବିଷୟରେ ସୂଚନା ପାଇଁ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ପାଖାପାଖି ୨୦ ମିନିଟ ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ନିଆଁର କାରଣ ଜାଣିବା ପାଇଁ ଫରେନ୍ସିକ ଟିମ୍ ଯାଞ୍ଚ କରୁଛି ।

## କର୍ଣ୍ଣାଟକରେ ରେକର୍ଡ ଭାଙ୍ଗିଲା ବର୍ଷା, ୭୧ ଲୋକ ମୃତ

କର୍ଣ୍ଣାଟକ : କର୍ଣ୍ଣାଟକରେ ଅଧିକ ବର୍ଷା ଯୋଗୁଁ ୭୧ ଲୋକଙ୍କ ପ୍ରାଣହାନୀ ଘଟିଛି । ଏହା ସହିତ ୧୯.୩୨ ଲକ୍ଷ ଲୋକଙ୍କ ଜୀବନ ବିପଦରେ ଥିବା ଅନୁମାନ କରାଯାଉଛି । ରାଜ୍ୟରେ ଏପ୍ରିଲ ମାସଠାରୁ ଲଗାତାର ଆଗୁଆ ମୌସୁମୀ ଆରମ୍ଭ ହୋଇଛି । ଅତ୍ୟଧିକ ବର୍ଷା କାରଣରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଉଠିଛି । ଯେଉଁଥି ପାଇଁ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଶୁକ୍ରବାର ଆଲୋଚନା ବେ ?ଠକର ଆୟୋଜନ କରିଥିଲେ । ସୂଚନାନୁଯାୟୀ, ମେ ମାସ ମଧ୍ୟରେ କର୍ଣ୍ଣାଟକରେ ୧୦୮ ମିମି ବର୍ଷା ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ମେ ୨୯ ତାରିଖ ମଧ୍ୟରେ ୨୭୦ ମିମି ବର୍ଷା ହୋଇଥିଲା । ଯାହା ୧୫୦ ପ୍ରତିଶତ ଅଧିକ ରହିଥିଲା । ୧୨୫ ବର୍ଷ ମଧ୍ୟରେ ବର୍ଷାର ପ୍ରତିଶତ ସର୍ବାଧିକ ବୋଲି ବୈଠକରେ ସିଦ୍ଧରମୈୟା କହିଥିଲେ । ଏହା ସହିତ ସିଦ୍ଧରମୈୟା କହିଛନ୍ତି ଯେ, ରାଜ୍ୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠି ଏବଂ ୧୦୦୦ କୋଟି ଟଙ୍କା ରହିଛି । ଡିସି ଏବଂ ସିଇଓଙ୍କୁ ସମସ୍ତ ସ୍ଥାନ ବୁଲି ରିଲିଫ୍ ପ୍ରୟାସ ତଦାରଖ କରିବାକୁ ଦେ ନିର୍ଦ୍ଦେଶ ଦେଇଥିଲେ । ତୁରନ୍ତ ପଦକ୍ଷେପ ନ ନେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଚେତାବନୀ ଦେଇଥିଲେ ।"ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର ପାଇଁ ସରକାର ୧.୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବେ । ଏପରି ପରିବାର ପାଇଁ ଏକ ନୂତନ ଘର ନିର୍ମାଣ କରାଯିବ, ଯାହା ପାଇଁ ଡିସିମାନଙ୍କୁ ପଦକ୍ଷେପ ନେବାକୁ ପଡିବ," ସିଦ୍ଧରମୈୟା କହିଛନ୍ତି । ଏପଟେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ଗ୍ରାମ ପଞ୍ଚାୟତ ସ୍ତରରେ ବିଭିନ୍ନ ବିଭାଗକୁ ନେଇ ଟାସ୍କଫୋର୍ସ ଗଠନ କରିଛନ୍ତି । "ଯଦି ସମସ୍ତେ ମିଳିତ ଭାବରେ କାମ କରନ୍ତି, ତେବେ ସତର୍କତାମୂଳକ ପଦକ୍ଷେପ ନିଆଯାଇପାରିବ" ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟପଟେ ପୂର୍ବ ବୈଠକରେ ସମସ୍ତ ହ୍ରଦ ଜବରଦଖଲ ଚିହ୍ନଟ କରିବା ପାଇଁ ସର୍ଭେ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ମଧ୍ୟ ୧୧ଜିଲ୍ଲାରେ ଜବରଦଖଲ ହଟାଇବାରେ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ ଡିସି ଏବଂ ସିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ ସିଦ୍ଧରମୈୟା ।

## ପାକ୍ ଗୁଇନ୍ଦାଙ୍କୁ ଖୋଜୁଛି ଏନଆଇଏ

ନୂଆଦିଲ୍ଲୀ : ପାକ୍ ଗୁଇନ୍ଦାଙ୍କୁ ଖୋଜୁଛି ଏନଆଇଏ । ଦେଶବିରୋଧୀ ତତ୍ତ୍ୱଙ୍କୁ ଖୋଜି ବାହାର କରିବା ପାଇଁ ବଡ଼ ଅପରେସନ । ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ ଦ୍ୱାରା ଦେଶବ୍ୟାପୀ ବଡ଼ ଧରଣର ଚଢ଼ାଉ ଚାଲିଛି । ୮ ରାଜ୍ୟରେ ଏନଆଇଏ ଟିମ୍ ଛାନଭିନ୍ ଚଲାଇଛି । ଜାତୀୟ ତଦନ୍ତ ସଂସ୍ଥା ପାକିସ୍ତାନ ପାଇଁ ଗୁଇନ୍ଦାଗିରି ମାମଲାରେ ୮ଟି ରାଜ୍ୟର ୧୫ଟି ସ୍ଥାନରେ ବଡ଼ ଧରଣର ତଲାସୀ ଅଭିଯାନ ଚଳାଇଛି । ଦିଲ୍ଲୀ, ମହାରାଷ୍ଟ୍ରର ମୁମ୍ବାଇ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଆସାମ ଏବଂ ପଶ୍ଚିମବଙ୍ଗରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି । ଏହି ସମୟରେ ଅନେକ ଇଲେକ୍ଟ୍ରୋନିକ୍ ଉପକରଣ ଓ ସମ୍ବେଦନଶୀଳ ଦସ୍ତାବିଜ ଜବତ ହୋଇଛି । ସୂଚନା ଅନୁସାରେ, ତଲାସୀ କରାଯାଇଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ପାକିସ୍ତାନୀ ଗୁଇନ୍ଦା ଅପରେଟିଭ୍ ?ଙ୍କ ସହ ସମ୍ପର୍କ ରହିଛି । ଏମାନେ ଭାରତରେ ଗୁଇନ୍ଦାଗିରି କାର୍ଯ୍ୟକଳାପ ପାଇଁ ଆର୍ଥିକ ମାଧ୍ୟମ ଭାବେ କାମ କରୁଥିଲେ । ଏନଆଇଏ ଏହି ମାମଲାରେ ତଦନ୍ତ ଜାରି ରଖିଛି ଏବଂ ଆଗାମୀ ଦିନରେ ଅଧିକ ତଥ୍ୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି ।

# ଭାରତ ବର୍ଡରକୁ ଯାଆନ୍ତୁନି...ଚେତାବନୀ ଦେଲା ଚାଇନା



ବେଜିଂ,୧।୬: ଭାରତ ଏବଂ ଚାଇନା ମଧ୍ୟରେ ଚାଲିଥିବା ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ମଧ୍ୟରେ, ଚାଇନା ତାର ନାଗରିକମାନଙ୍କ ପ୍ରତି ଏକ ବଡ଼ ସତର୍କତା ଜାରି କରିଛି । ନେପାଳରେ ଥିବା ଚୀନ ଦୂତାବାସ ଚୀନ ନାଗରିକମାନଙ୍କୁ ଭାରତ-ନେପାଳ ସୀମା ନିକଟକୁ ଯିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଛି, କାରଣ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି । ଗ୍ଲୋବାଲ ଟାଇମ୍ସ ରିପୋର୍ଟ ଅନୁଯାୟୀ, ଦୂତାବାସ କହିଛି ଯେ ଭାରତ ଏବଂ ନେପାଳ ଉଭୟ ସୀମାନ୍ତ ଅଞ୍ଚଳରେ ପେଟ୍ରୋଲିଂ ଏବଂ ନଜର ବୃଦ୍ଧି କରିଛନ୍ତି । ଏହା ସତ୍ତ୍ୱେ, କିଛି ଚୀନ ନାଗରିକ ଚେତାବନୀକୁ ଅଣଦେଖା କରି ଭାରତ-ନେପାଳ ସୀମା ଆଡକୁ ଯାଉଛନ୍ତି । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ସାମ୍ପ୍ରତିକ ସମୟରେ ଅନେକ ଚୀନ ନାଗରିକଙ୍କୁ ବେଆଇନ ଭାବରେ ଭାରତୀୟ ସୀମାରେ ପ୍ରବେଶ କରିବା ପାଇଁ ଗିରଫ କରାଯାଇଛି । ଭାରତ ଏବଂ ନେପାଳ ମଧ୍ୟରେ ସୀମାକୁ 'ଖୋଲା ସୀମା' କୁହାଯାଏ, ଯେଉଁଠାରେ ନେପାଳୀ ଏବଂ ଭାରତୀୟ ନାଗରିକ ପରିଚୟ ପତ୍ର ସହିତ ଆସିପାରିବେ ଏବଂ ଯାଇପାରିବେ । କିନ୍ତୁ ଏହି ନିୟମ ବିଦେଶୀ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ଭିସା ବିନା ଭାରତରେ ପ୍ରବେଶ କରିବାର କୌଣସି ଅନୁମତି ନାହିଁ । ଚୀନ ତାର ନାଗରିକମାନଙ୍କୁ ଭୁଲରେ ମଧ୍ୟ ସୀମା ପାର ନ କରିବାକୁ ଚେତାବନୀ ଦେଇଛି, କାରଣ ଭାରତରେ ଅବୈଧ ପ୍ରବେଶକୁ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯାଏ । ଚୀନ ସ୍ପଷ୍ଟ କରିଛି ଯେ ଯଦି କୌଣସି ବିଦେଶୀ ନାଗରିକ ଭାରତରେ ସୀମା ପାର କରନ୍ତି, ତେବେ ତାଙ୍କୁ ବଡ଼ ଆଇନଗତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଭାରତୀୟ ଆଇନ ଅନୁଯାୟୀ, ଏହି ଅପରାଧ ପାଇଁ ୨ ରୁ ୮ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ଭାରୀ ଜରିମାନା ହୋଇପାରେ, ଏବଂ ପ୍ରାୟତଃ ଏପରି ମାମଲାରେ ଜାମିନ ପାଇବା କଷ୍ଟକର । ଚୀନ ଦୂତାବାସ ଏହାର ନାଗରିକମାନଙ୍କୁ କୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ କାଠମାଣ୍ଡୁରେ ଥିବା ଦୂତାବାସ ସହିତ ଯୋଗାଯୋଗ କରିବାକୁ ଅପିଲ କରିଛି । ଏହା ସହିତ, ସୀମାବର୍ତ୍ତୀ ଅଞ୍ଚଳକୁ ଯାତ୍ରା କରିବା ପୂର୍ବରୁ ସମ୍ପୂର୍ଣ୍ଣ ସୂଚନା ପାଆନ୍ତୁ ଏବଂ ସ୍ଥାନୀୟ ନିୟମ ପାଳନ କରନ୍ତୁ ।

## ନାବାଳିକାକୁ ଗଣବଳାତ୍କାର

ନୂଆଦିଲ୍ଲୀ : କର୍ଣ୍ଣାଟକର ବେଲାଗାଭିରେ ଜଣେ ନାବାଳିକାଙ୍କୁ ବାରମ୍ବାର ଗଣବଳାତ୍କାର ଶିକାର ହେବାକୁ ପଡ଼ିଛି । ସ୍ଥାନୀୟ ପୋଲିସ କହିବା ଅନୁସାରେ ଡିସେମ୍ବର ମାସରେ ଛଅ ଜଣ ଅପରାଧୀ ତାଙ୍କୁ ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାର କରିଥିଲେ ଏବଂ ଘଟଣାଟିକୁ ସେମାନେ ନିଜ ମୋବାଇଲରେ ରେକର୍ଡ କରିଥିଲେ ।

ଏହାପରେ ତାଙ୍କୁ ଧମକ ଦିଆଯାଇଥିଲା, ଏବଂ ଜାନୁଆରୀ ମାସରେ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ପୁନର୍ବାର ତାଙ୍କୁ ବଳାତ୍କାର କରିଥିଲେ । ଏହି ଜଘନ୍ୟ ଅପରାଧ ବିଷୟରେ ଜାଣିବା ପରେ, ନାବାଳିକାଙ୍କୁ ପରିବାର କୃଷି ଉତ୍ପାଦ ବଜାର କମିଟି (ଏପିଏମସି) ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ ।

# ସିକ୍କିମରେ ଭୂସ୍ଖଳନ: ୮ ନିଖୋଜ



ନୂଆଦିଲ୍ଲୀ : ସିକ୍କିମରେ ଗତ କିଛିଦିନ ହେଲାଣି ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ଭୂସ୍ଖଳନ । ପ୍ରବଳ ବର୍ଷା ଯୋଗୁଁ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି । ଉତ୍ତର ସିକ୍କିମର ଲାଚେନ ଏବଂ ଲାଚୁଙ୍ଗ ଅଞ୍ଚଳରେ ପାଖାପାଖି ୧୫୦୦ରୁ ଅଧିକ ପର୍ଯ୍ୟଟକ ଫସିଥିବା ବେଳେ ୮ ଜଣ ନିଖୋଜ ରହିଛନ୍ତି । ଭୂସ୍ଖଳନ ଯୋଗୁଁ ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ବନ୍ଦ ହୋଇଯାଇଛି । ଏସପି ଭୂଟିଆଙ୍କ କହିବା ଅନୁଯାୟୀ, ଲାଚେନରେ ୧୧୫ ଜଣ ପର୍ଯ୍ୟଟକ ଏବଂ ଲାଚୁଙ୍ଗରେ ପ୍ରାୟ ୧୩୫୦ ଜଣ ପର୍ଯ୍ୟଟକ ଫସି ରହିଛନ୍ତି । ଉଭୟ ପାର୍ଶ୍ୱରୁ ରାସ୍ତା ବନ୍ଦ ରହିଛି, ତେଣୁ ସମସ୍ତ ପର୍ଯ୍ୟଟକଙ୍କୁ ହୋଟେଲରେ ରହିବାକୁ ପରାମର୍ଶ ଦିଆଯାଇଛି । ମଙ୍ଗନରେ ପର୍ଯ୍ୟଟକ ଗାଡ଼ି ପ୍ରାୟ ୧୦୦୦ ଫୁଟ ଗଭୀର ଖାଇରେ ଖସି ତିସ୍ତା ନଦୀରେ ବୁଡ଼ି ଯାଇଥିଲା । ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଅନ୍ୟ ୮ ଜଣ ନିଖୋଜ ରହିଛନ୍ତି । ତିସ୍ତା ନଦୀରେ ନିଖୋଜ ଅଛନ୍ତି ଯାଜପୁର ବ୍ୟାସନଗର ଅଞ୍ଚଳର ବିଜେପି ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାରର ଅନ୍ୟ ୩ ଜଣ । ପ୍ରବଳ ବର୍ଷା ଯୋଗୁଁ ନଦୀର ଜଳସ୍ତର ବଢୁଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଓଡ଼ିଶା ଓ ସିକ୍କିମ ସରକାର ମିଳିତ ଭାବେ ରେସକ୍ୟୁ ଅପରେସନ ଚଳାଇଛନ୍ତି । ଦୁର୍ଘଟଣା ସମୟରେ ପର୍ଯ୍ୟଟକ ଗାଡିରେ ସମୁଦାୟ ୧୧ ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର କାର୍ଯ୍ୟରେ ଆଇଟିବିପି, ଏସଡିଆରଏଫ ଓ ଏନଡିଆରଏଫ ଯବାନଙ୍କୁ ମଧ୍ୟ ମୁତୟନ କରାଯାଇଛି । ଶନିବାର, ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ତିସ୍ତା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଉଦ୍ଧାର କାର୍ଯ୍ୟ ବନ୍ଦ କରିବାକୁ ପଡିଲା । ମାଙ୍ଗନ ଡିସି ଆନନ୍ଦ ଜୈନ ଏବଂ ଏସପି ସୋନମ ଡେଚୁ ଭୂଟିଆ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ପ୍ରବଳ ବର୍ଷା ଯୋଗୁଁ ବିଜୁଳି ଏବଂ ମୋବାଇଲ ନେଟୱାର୍କ ବାଧାପ୍ରାପ୍ତ ହୋଇଛି । ପ୍ରବଳ ବର୍ଷା ଦେଖି ଟୁରିଷ୍ଟ ପରିମିଟକୁ ବନ୍ଦ କରିଦିଆଯାଇଛି । ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଛି ।

## ଗାଜା ଉପରେ ଇସ୍ରାଏଲର ଆକ୍ରମଣ, ୨୬ ମୃତ

ନୂଆଦିଲ୍ଲୀ : ଗାଜାରେ ଇସ୍ରାଏଲର ବଡ଼ ଆକ୍ରମଣ । ପାଲେଷ୍ଟାଇନର ରିଲିଫ୍ ସାମଗ୍ରୀ ବଣ୍ଟନ କେନ୍ଦ୍ର ନିକଟରେ ଇସ୍ରାଏଲୀ ଟ୍ୟାଙ୍କ ଗୁଳିମାଡ଼ରେ ୨୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୫୦ ଜଣ ଆହତ ହୋଇଛନ୍ତି । ଗୁରୁତର ଆହତ ମାନଙ୍କୁ ମାୱାସି ଅଞ୍ଚଳର ରେଡକ୍ରସ୍ ଫିଲ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦକ୍ଷିଣ ଗାଜାର ରାଫା ଅଞ୍ଚଳରେ ଆମେରିକା ଦ୍ୱାରା ଅନୁଦାନପ୍ରାପ୍ତ ରିଲିଫ୍ ସାମଗ୍ରୀ ବଣ୍ଟନ କେନ୍ଦ୍ର ନିକଟରେ ଇସ୍ରାଏଲ ଟ୍ୟାଙ୍କ ମାଧ୍ୟମରେ ଏହି ଆକ୍ରମଣ କରିଥିବା ଜଣାପଡିଛି



। ଗାଜା ହ୍ୟୁମାନିଟାରିଆନ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଏକ ରିଲିଫ୍ କେନ୍ଦ୍ର ନିକଟରେ ସ୍ଥାନୀୟ ସମୟ ସକାଳ ୪ଟା ୩୦ରେ ଅଲ-ଆଲମ୍ ସ୍କୋୟାର ନିକଟରେ ଖାଦ୍ୟ ଓ ଔଷଧ ସଂଗ୍ରହ କରିବାକୁ ଭିଡ଼ ଜମା ହୋଇଥିଲା । ଏହି ସମୟରେ ଇସ୍ରାଏଲ ଟ୍ୟାଙ୍କଗୁଡ଼ିକ ପହଞ୍ଚି ଗୁଳି ଚଳାଇଥିଲେ । ମୃତ ଏବଂ ଆହତମାନେ ବହୁତ ସମୟ ଧରି ତଳେ ପଡ଼ି ରହିଥିଲେ । ଇସ୍ରାଏଲ ନିୟନ୍ତ୍ରଣରେ ଥିବାରୁ ଉଦ୍ଧାରକାରୀ ଦଳ ସେହି ଅଞ୍ଚଳକୁ ପହଞ୍ଚିପାରିଲେ ନାହିଁ । ଏହା ଆହତମାନଙ୍କୁ କ୍ଷେତ୍ର ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଗଧ ଗାଡ଼ି ବ୍ୟବହାର କରିବାକୁ ବାଧ୍ୟ କରିଥିଲା । ସ୍ଥାନୀୟ ରେଡକ୍ରସ୍ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି ଆକ୍ରମଣରେ ୨୬ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୧୫୦ରୁ ଅଧିକ ଆହତ ହୋଇଛନ୍ତି ।

## ସିବିଆଇ ପଞ୍ଜାରେ ବରିଷ୍ଠ ଆଇଆରଏସ୍ ଅଧିକାରୀ



ନୂଆଦିଲ୍ଲୀ : ସିବିଆଇ ଜାଲରେ ବରିଷ୍ଠ ଆଇଆରଏସ୍ ଅଧିକାରୀ । ୨୫ ଲକ୍ଷ ଲାଞ୍ଚ ନେବା ବେଳେ ରେଡ୍ ହ୍ୟାଣ୍ଡ ମାଡ଼ି ବସିଲା ସିବିଆଇ । ଠିକ୍ ଓଡ଼ିଶାରେ ଇଡି ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କ ଢଙ୍ଗରେ ଗିରଫ କରିଛି ସିବିଆଇ । ୨୦୦୭ ବ୍ୟାଚ୍ ର ଇଣ୍ଡିଆନ ରେଭିନ୍ୟୁ ସର୍ଭିସ୍ ଅଧିକାରୀ ଜଣଙ୍କ ଏବେ ଦିଲ୍ଲୀରେ ଟାକ୍ସ ପେୟର ସର୍ଭିସେସ୍ ନିର୍ଦ୍ଦେଶାଳୟରେ ଅତିରିକ୍ତ ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟରତ ଅଛନ୍ତି । ଆୟକର ବିଭାଗ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ପାଇଁ ତାଙ୍କ ଠାରୁ ୪୫ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ ସଂପୃକ୍ତ ଆଇଆରଏସ୍ ଅଧିକାରୀ । ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଲାଞ୍ଚ ନେଉଥିଲେ । ଜଣେ ମଧ୍ୟସ୍ଥ ଦ୍ୱାରା ଲାଞ୍ଚ ନେଉଥିଲେ । ପୂର୍ବ ଯୋଜନା ମୁତାବକ ଲାଞ୍ଚ ନେବାବେଳେ ମାଡ଼ି ବସିଥିଲା ସିବିଆଇ । ସଂପୃକ୍ତ ଆଇଆରଏସ ଅଧିକାରୀ ଓ ମଧ୍ୟସ୍ଥଙ୍କୁ ବାନ୍ଧିଛି ସିବିଆଇ । ନୂଆଦିଲ୍ଲୀ ବସନ୍ତକୁଞ୍ଜ ଅଞ୍ଚଳରୁ ତାଙ୍କ ବସଭବନରୁ ଓଜନ୍ଦ ଅଧିକାରୀଙ୍କୁ ଗିରଫ କରିଛି ପୋଲିସ । ଏହି ଘଟଣା ପରେ ଦିଲ୍ଲୀ, ପଞ୍ଜାବ ଓ ମୁମ୍ବାଇର ବିଭିନ୍ନ ସ୍ଥାନରେ ରେଡ୍ କରୁଛି ସିବିଆଇ । ସିବିଆଇ ଟଙ୍କା ସହିତ ହର୍ଷ ସିଂଘଲଙ୍କୁ ମଧ୍ୟ ଗିରଫ କରିଥିଲା ??ଏବଂ ଏହି ସହିତ ସିଂଘଲଙ୍କୁ ଦିଲ୍ଲୀର ଭାସତ କୁଞ୍ଜସ୍ଥିତ ତାଙ୍କ ବାସଭବନରୁ ମଧ୍ୟ ଗିରଫ କରାଯାଇଥିଲା । ସିବିଆଇ ଅନୁଯାୟୀ, ସିଂହଲ କେବଳ ଆୟକର ମାମଲାରେ ଅନୁକୂଳ ନିଷ୍ପତ୍ତି ଦେବା ପାଇଁ ଲାଞ୍ଚ ଦାବି କରିନଥିଲେ । ଲାଞ୍ଚ ନ ଦେଲେ ସେ ଭାରୀ ଜରିମାନା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ମଧ୍ୟ ଦେଇଥିଲେ । କେବଳ ଏତିକି ନୁହେଁ, ସିଂହଲ ଭବିଷ୍ୟତରେ ତାଙ୍କୁ ଅନ୍ୟ ମାମଲାରେ ଫସାଇ ଦେବାକୁ କରଦାତାଙ୍କୁ ଧମକ ମଧ୍ୟ ଦେଇଥିଲେ ।

## ଋଷରେ ଟ୍ରେନ୍ ଲାଇନଚ୍ୟୁତ ହୋଇ ୭ ମୃତ

ନୂଆଦିଲ୍ଲୀ : ଋଷରେ ବଡ଼ ଅଘଟଣ । ଟ୍ରେନ୍ ଓଲଟି ୭ ଯାତ୍ରୀ ମୃତ୍ୟୁମୁଖରେ ପଡ଼ିଛନ୍ତି । ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଋଷର ବ୍ରାୟନସ୍କ ଅଞ୍ଚଳରେ ଏହି ବଡ଼ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଏକ ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ ଲାଇନଚ୍ୟୁତ ହୋଇଛି ଯାତ୍ରୀବାହୀ ଟ୍ରେନ୍ । ଶନିବାର ବିଳମ୍ବିତ ରାତିରେ ଘଟିଥିବା ଏହି ଦୁର୍ଘଟଣାରେ ଅତି କମ୍ ରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପାଖାପାଖି ୩୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଦୁଇ ଜଣ ଶିଶୁ ଥିବା ଜଣା ପଡ଼ିଛି । ପୋଲ ଭୁଶୁଡ଼ି, ଟ୍ରେନ୍ ଲାଇନରେ ପଡ଼ିବାରୁ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା । ପାଲେଷ୍ଟାଇନ୍ ଏବଂ ବ୍ୟଗୋନିଚି ଷ୍ଟେସନ୍ ମଧ୍ୟରେ ଯାତ୍ରା କରୁଥିବା ସମୟରେ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାଟି ୟୁକ୍ରେନୀୟ ସୀମା ସଂଲଗ୍ନ ଅଞ୍ଚଳରେ ଘଟିଛି । ବର୍ତ୍ତମାନ ଦୁର୍ଘଟଣାର ତଦନ୍ତ ଚାଲିଛି । ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଦୁର୍ଘଟଣା ସମ୍ପର୍କରେ ବ୍ରାୟନସ୍କ ରାଜ୍ୟପାଳ ଆଲେକଜାଣ୍ଡାର ବୋଗୋମାଜଙ୍କ ସହ ଏକ୍ ଭିଡିଓ ବୈଠକରେ ଆଲୋଚନା କରିଛନ୍ତି । ତେବେ ଦୁର୍ଘଟଣା ପରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୀଡିତମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଦିଆଯାଉଛି । ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଛି ।

# ପାକିସ୍ତାନୀ ଗୁଇନ୍ଦା ନାଫିସା ୨୪୦ ଭାରତୀୟ ଯୁବକଙ୍କୁ ପ୍ରଭାବିତ କରିଥିଲା: ଏଟିଏସ୍




ଲକ୍ଷ୍ନୌ : ଉତ୍ତର ପ୍ରଦେଶ ପୁଲିସର ଆତଙ୍କବାଦ ନିରୋଧୀ ବାହିନୀ (ଏଟିଏସ୍) ଦ୍ୱାରା ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ବାରାଣସୀରୁ ଗିରଫ ତୁଫେଲ୍ ମକ୍ସୁଦ୍ (୩୪)କୁ ଜେରାରୁ ଅତି ଭୟାନକ ତଥ୍ୟ ମିଳିଛି । ତା' ସଂସ୍ପର୍ଶରେ ୮୦୦ ଯୁବକ ଯୁବତୀ ରହିଥିଲେ ଓ ୧୯ଟି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମକ୍ସୁଦ ସମସ୍ତଙ୍କୁ ଯୋଡ଼ି ରଖିଥିଲା । ସେ ଗଜୱା-ଇ-ହିନ୍ଦ୍ ସହିତ ସମ୍ପର୍କ ସହିତ ୨୦୪୭ ସୁଦ୍ଧା ଭାରତରେ ମୁସଲମାନ ଶାସନ ପ୍ରତିଷ୍ଠା ଓ ଶାରିଆ ଆଇନ କାର୍ଯ୍ୟକାରୀ କରିବା ଯୋଜନା ରଖିଥିଲା ବୋଲି ପୁଲିସ କହିଛି । ଏଥିପାଇଁ ସେ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିଲା । ନୋଏଡ଼ାର ମହମ୍ମଦ ହାରୁନ୍(୪୫), ରାମପୁରର ସାହାଜାଦ୍ ୱାହାବ(୩୫) ଏଥିରେ ତାକୁ ସହାୟତା କରୁଥିଲେ । ଏଟିଏସ୍ ସମସ୍ତଙ୍କୁ ଗିରଫ କରିଛି । ସେମାନେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିହୋଇଥିବା ସମସ୍ତଙ୍କୁ ଧର୍ମ ଆଧାରରେ ଉତ୍ତେଜକ ତଥ୍ୟ ପ୍ରଦାନ ସହ ଭାଷଣ ଶୁଣାଉଥିଲେ । କେବଳ ସେତିକି ନୁହେଁ, ଜନୈକ ପାକିସ୍ତାନୀ ମହିଳା ନାଫିସା ଏହି ଗ୍ରୁପରେ ଯୋଡ଼ି ହୋଇ ଗତ ୪ ମାସ ମଧ୍ୟରେ ୨୪୦ ଭାରତୀୟ ଯୁବକ ଯୁବତୀଙ୍କୁ ଜିହାଦି ପ୍ରତି ଆକୃଷ୍ଟ କରିଥିଲା । ବରେଲି, ମୋରାଦାବାଦ, ରାମପୁର, କନୌଜ, ଲକ୍ଷ୍ନୌ ଓ ବାରାଣସୀର ୨୪୦ ଯୁବକ ଯୁବତୀ ନାଫିସା ଦ୍ୱାରା ଉତ୍ପ୍ରେରିତ ହୋଇଥିଲେ । ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ନାଫିସାକୁ ଏ କ୍ଷେତ୍ରରେ ଉପଯୋଗ କରିବା ସହ ଗୁଇନ୍ଦାଗିରିରେ ଲଗାଇଥିଲା ବୋଲି ଏଟିଏସ୍ ସୂତ୍ରରୁ ପ୍ରକାଶ । ନାଫିସା ହିଁ ମକ୍ସୁଦ ଓ ଅନ୍ୟମାନଙ୍କୁ ପରିଚାଳନା କରୁଥିଲା । ମକ୍ସୁଦ ପାକିସ୍ତାନର ୬୦୦ ମୋବାଇଲ ନମ୍ବରରେ ଯୋଗାଯୋଗରେ ରହିବା ସହ ଭାରତର ନିରାପତ୍ତା ସମ୍ପର୍କିତ ବହୁ ସମ୍ବେଦନଶୀଳ ତଥ୍ୟ ପ୍ରଦାନ କରିଥିଲା । ଆତଙ୍କବାଦୀ ସଂଗଠନ ତେହରିକ୍-ଇ-ଲାବାଇକ୍ ମୁଖ୍ୟ ମୌଲାନା ସାଦ୍ ରିଜ୍‌ଭି ସହିତ ମଧ୍ୟ ସେ ଯୋଗାଯୋଗରେ ରହିଥିଲା ।

# ପୁଣି ଆକାଶଛୁଆଁ ହେବ କି ପିଆଜ ଦର !



ନୂଆଦିଲ୍ଲୀ : ଦକ୍ଷିଣ ଏବଂ ମଧ୍ୟ ଭାରତରେ ଚଳିତବର୍ଷ ପ୍ରବଳ ବର୍ଷା ହୋଇଛି । ମେ' ମାସରେ ବର୍ଷା ହେବା ଯୋଗୁଁ ଅନେକ ଫସଲ ଖରାପ ହୋଇଛି । ଦେଶର ସବୁଠାରୁ ବଡ଼ ପିଆଜ ଉତ୍ପାଦକ ରାଜ୍ୟ ମହାରାଷ୍ଟ୍ରରେ ଲଗାଣ ବର୍ଷା ହେବା କାରଣରୁ କୋଟି କୋଟି ଟଙ୍କାର ପିଆଜ ଫସଲ ଖରାପ ହୋଇଯାଇଛି । ଯେଉଁ କାରଣରୁ ଗତ ମାସରେ ପିଆଜ ଚାଷ କରୁଥିବା ଏକ ସଂଗଠନ ବର୍ଷାରେ ହୋଇଥିବା କ୍ଷତି ଯୋଗୁଁ ପ୍ରତି ଏକର ପିଛା ୧ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ସରକାରଙ୍କୁ ଦାବି କରିଥିଲେ । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ପିଆଜ ଫସଲ ଖରାପ ହେବା କାରଣରୁ ଆଗାମୀ ଦିନରେ କ'ଣ ପିଆଜର ଦର ଉପରେ ଏହାର ପ୍ରଭାବ ପଡ଼ିବ ? କ'ଣ ପୁଣିଥରେ ଆକାଶଛୁଆଁ ହେବ ପିଆଜ ଦର ? ମେ' ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସଙ୍କୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ ମେ' ମାସରେ ପ୍ରବଳ ବର୍ଷା ଯୋଗୁଁ ଜଲଗାଓଁ, ଧୁଲେ, ନାସିକ, ଅହିଲ୍ୟାନଗର, ଛତ୍ରପତି ସମ୍ଭାଜୀନଗର, ପୁଣେ, ସୋଲାପୁର, ବିଡ, ଧାରାଶିବ, ସାଙ୍ଗଲି, ବୁଲଢାଣା, ଅକୋଲା, ପରଭଣି ଏବଂ ଜାଲନା ଭଳି ପିଆଜ ଉତ୍ପାଦନ କରୁଥିବା ଜିଲ୍ଲାରେ କ୍ଷତି ହୋଇଛି । ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଚିଠିରେ ନିବେଦନ କରାଯାଇଥିଲା । ତେବେ ପିଆଜ ଚାଷ ଖରାପ ହେବା କାରଣରୁ ଆଗାମୀ ଦିନରେ ପିଆଜ ଦର ବୃଦ୍ଧି ହେବାର ଆଶଙ୍କା କରାଯାଉଛି । ଯାହାର ଉଦାହରଣ ଆଗାମୀ ବର୍ଷରେ ମଧ୍ୟ ଦେଖିବାକୁ ମିଳିଥିଲା ।

# ଶ୍ରେୟସଙ୍କ ବିସ୍ଫୋରକ ବ୍ୟାଟିଂରେ ମୁମ୍ବାଇ ଧରାଶାୟୀ, ଫାଇନାଲରେ ପଞ୍ଜାବ କିଙ୍ଗ୍‌ସ

ଅହମ୍ମଦାବାଦ, ୧।୬: ଆଇପିଏଲ ୨୦୨୫ର ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍‌ସର ଦମଦାର ବିଜୟ। ପାଞ୍ଚ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ହରାଇ ଫାଇନାଲରେ ପହଞ୍ଚିଛି। ପଞ୍ଜାବ ଜୁନ ୩ରେ ଫାଇନାଲରେ ମୁହାଁମୁହିଁ ହେବେ ବେଙ୍ଗାଲୁରୁ ଓ ପଞ୍ଜାବ। ପରାଜୟ ସହ ମୁମ୍ବାଇର ଅଭିଯାନ ସମାପ୍ତ ହୋଇଛି। ଶ୍ରେୟସ ଆୟର ଅଧିନାୟକତ୍ୱ ଇନିଂସ ଖେଳି ନିଜ ଦଳକୁ ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୬ ୱିକେଟ ହରାଇ ୨୦୩ ରନ କରିଥିଲା। ଜବାବରେ ପଞ୍ଜାବ ଶ୍ରେୟସ ଆୟରଙ୍କ ବିଧ୍ୱଂସୀ ୮୭ ରନ ଓ ନେହଲ ଧେରାଙ୍କ ୪୮ ରନ ବଳରେ ମ୍ୟାଚକୁ ଜିତି ନେଇଛି। ଏଲିମିନେଟର ଜିତିବା ପରେ କ୍ୱାଲିଫାୟର-୨ରେ ମୁମ୍ବାଇର ପରାଜୟ ଧାରା ଅବ୍ୟାହତ ରହିଛି।

୨୦୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ପଞ୍ଜାବ କିଙ୍ଗସକୁ ୧୩ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ପ୍ରଭସିମରନ ସିଂ ୬ ରନ କରି ଆଉଟ୍ ହୋଇଥିଲେ। ଭଲ ବ୍ୟାଟିଂ କରୁଥିବା ପ୍ରିୟାଂଶ ଆର୍ଯ୍ୟ ୧୦ ବଲରୁ ୨୦ ରନ କରିଥିଲେ। କ୍ରିଜରେ ଜମି ବିସ୍ଫୋରକ ବ୍ୟାଟିଂ କରି ଜୋଶ ଇଙ୍ଗଲିଶ ୨୧ ବଲରୁ ୩୮ ରନ କରିଥିଲେ। ଏହା ପରେ ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ ଅଧିନାୟକ ଶ୍ରେୟସ ଆୟର। ସେ ଏବଂ ନେହଲ ମୁମ୍ବାଇ ବୋଲରଙ୍କୁ ପ୍ରହାର କରି ଚତୁର୍ଥ ଭାଗିଦାରୀରେ ୮୪ ରନ ଯୋଡି ଦଳର ବିଜୟ ନିଶ୍ଚିତ କରିଥିଲେ। ନେହଲ ୨୯ ବଲରୁ ୪୮ ରନର ବେଶ ଉପଯୋଗୀ ଇନିଂସ ଖେଳିଥିଲେ। ଅନ୍ୟପଟେ ଶ୍ରେୟସ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କ ବ୍ୟାଟିଂ ଆଗରେ ବୁମରା, ବୋଲ୍ଟ





ସମେତ ମୁମ୍ବାଇର ସବୁ ବୋଲର ଫେଲ୍ ମାରିଥିଲେ। ଶ୍ରେୟସ ୮୭ ରନର ଧୂଆଁଧାର ଇନିଂସ ଖେଳି ନିଜ ଦମରେ ଦଳକୁ ଜିତାଇଛନ୍ତି। ଏଥିସହ ପଞ୍ଜାବ ଦ୍ୱିତୀୟ ଥର ଫାଇନାଲରେ ପହଞ୍ଚିଛି। ଶ୍ରେୟସ ନିଜ ଇନିଂସରେ ୪୧ ବଲରୁ ୫ ଚୌକା ଓ ୮ ଛକା ମାରିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇକୁ ୧୯ ରନ ସ୍କୋରରେ ବଡ଼ ଝଟକା ଲାଗିଥିଲା। ରୋହିତ ଶର୍ମା ୮ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଜୋନି ବେୟାରଷ୍ଟୋ ଓ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ୫୧ ରନ ଯୋଡ଼ିଥିଲେ। ବେୟାରଷ୍ଟୋ ୨୪ ବଲରୁ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଏହା ପରେ ତିଳକ ଓ ସୂର୍ଯ୍ୟକୁମାର ଯାଦବ ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ ଦୁହେଁ ୭୨ ରନ ଯୋଡ଼ି ଦଳର ସ୍କୋରକୁ ୧୪୨ ରନରେ ପହଞ୍ଚାଇଥିଲେ। ସୂର୍ଯ୍ୟକୁମାର ଯାଦବ ୨୬ ବଲରୁ ୪ ଚୌକା ଓ ୩ ଛକା ସହ ୪୪ ରନ କରିଥିଲ। ତାଙ୍କ ଆଉଟ୍ ପରେ କ୍ରିଜରେ ସେଟ୍ ତିଳକ ବର୍ମା। ଆଉଟ୍ ହେବା ମୁମ୍ବାଇର ରନ ଗତିକୁ ମନ୍ଥର କରିଥିଲା ତିଳକ ୨୯ ବଲରୁ ୪୪ ରନ କରି ପାଭିଲିୟନ ଫେରିଥିଲେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଶେଷ ଆଡ଼କୁ ନମନ ଧୀର ୧୮ ବଲରୁ ୩୭ ରନର ବିସ୍ଫୋରକ ଇନିଂସ ଖେଳିବାରୁ ମୁମ୍ବାଇ ୬ ୱିକେଟ୍ ହରାଇ ୨୦୩ ରନ କରି ପାରିଛି।

# ଏସୀୟ ଦୌଡ଼କୁଦ: ଜାତୀୟ ରେକର୍ଡ ସହ ଅନିମେଷଙ୍କୁ କାଂସ୍ୟ, ରିଲେରେ ଶ୍ରାବଣୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୬: ଓଡ଼ିଶାର ଧାବକ ଅନିମେଷ କୁଜୁର ପୁଣି ଥରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି। ଦକ୍ଷିଣ କୋରିଆର ଗୁମିରେ ଆୟୋଜିତ ଏସୀୟ ଦେଢ଼କୁଦ ପ୍ରତିଯୋଗିତାରେ ୨୦୦ ମିଟର ଫାଇନାଲ୍ ରେସ୍‌କୁ ଅନିମେଷ ୨୦.୩୨ ସେକେଣ୍ଡରେ ଶେଷ କରି ନୂଆ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ପାଇଥିଲେ। ମାତ୍ର ୦.୦୧ ସେକେଣ୍ଡ ପାଇଁ ରେପ୍ୟରୁ ବଞ୍ଚିତ ହୋଇଥିବା ଅନିମେଷ କିନ୍ତୁ ନିଜ ନାମରେ ଥିବା ୨୦.୪୦ ସେକେଣ୍ଡ ଜାତୀୟ ରେକର୍ଡକୁ ଏଠାରେ ଅତିକ୍ରମ କରିଥିଲେ। ଚଳିତ ବର୍ଷ ଫେଡେରେସନ୍ କପ୍‌ରେ ସେ ଏହି ରେକର୍ଡ କରିଥିଲେ।

ଏହି ପଦକ ସହ ଅନିମେଷ ଦ୍ୱିତୀୟ ଭାରତୀୟ ଭାବେ ଏସୀୟ ଦେଢ଼କୁଦ ପ୍ରତିଯୋଗିତାର ୨୦୦ ମିଟର ଦେଢ଼ରେ ପଦକ ଜିତିବାର ଗୌରବ ପାଇଛନ୍ତି। ୨୦୧୫ରେ ଧରମବୀର ସିଂହ ପ୍ରଥମ ଭାରତୀୟ ଭାବେ ଏହି ସଫଳତା ପାଇଥିଲେ ଅନିମେଷଙ୍କ ଆଗରେ ରହି ଜାପାନର ତୋ ଉଜା (୨୦.୧୨ ସେକେଣ୍ଡ) ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ସାଉଦି ଆରବର ଅବଦୁଲଅଜିଜ ଅତାଫି (୨୦.୩୧ ସେକେଣ୍ଡ) ରେପ୍ୟ ଜିତିଥିଲେ ଐତିହାସିକ ସଫଳତା ପରେ ଅନିମେଷ କହିଛନ୍ତି, ମୋର ପ୍ରଥମ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବାରୁ ଗର୍ବ ଅନୁଭବ କରୁଛି ଶନିବାର ମାନସିକ ସ୍ତରରେ ମୁଁ ବେଶ୍ ଦୃଢ଼ ଓ ଆତ୍ମବିଶ୍ୱାସରେ ଭରପୂର ଥିଲି। ମୋ ଦକ୍ଷତା ଉପରେ ମୋର ପୂର୍ଣ୍ଣ ଭରସା ଥିଲା ପୁଣି ଥରେ ଜାତୀୟ ରେକର୍ଡ କରି ବହୁତ ଖୁସି ଲାଗୁଛି। ଏହା କେବଳ ଆରମ୍ଭ ମାତ୍ର ଆଗକୁ ସଫଳତାର ଆହୁରି ନୂଆ ସ୍ତର ଛୁଇଁବାକୁ ଚାହୁଁଛି



ଅନିମେଷଙ୍କ ଏହି ପ୍ରଦର୍ଶନ ଲାଗି ଓଡ଼ିଶା ରିଲାଏନ୍ସ ଆଥଲେଟିକ୍ସ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ ଓଏନ୍ସ ଭୂୟସୀ ପ୍ରଶଂସା କରିଛନ୍ତି।



### ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଅନିମେଷ ଓ ଶ୍ରାବଣୀଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ଭାରତୀୟ ମହିଳା ରିଲେ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି କହିଛନ୍ତି, ଏସୀୟ ଦେଢ଼କୁଦରେ ଐତିହାସିକ ସଫଳତା ହାସଲ କରି ଆମ କ୍ରୀଡ଼ାବିତମାନେ ଆମ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସେମାନଙ୍କ ପାଇଁ ଆମେ ଅତ୍ୟନ୍ତ ଗର୍ବିତ ଆଜିର ଏହି ସଫଳତା ଭବିଷ୍ୟତର ସମସ୍ତ କ୍ରୀଡ଼ାବିତମାନଙ୍କୁ ନିଶ୍ଚିତ ଭାବେ ପ୍ରୋତ୍ସାହିତ କରିବ ଏଥିସହିତ ଓଡ଼ିଶାରେ ବିଶେଷଭାବରେ ମହିଳା କ୍ରୀଡ଼ାବିତ୍ମାନେ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ ହେବେ।

### ରିଲେରେ ଶ୍ରାବଣୀଙ୍କୁ ରେପ୍ୟ ୮ ସ୍ୱର୍ଣ୍ଣ ସହ ୨୪ ପଦକ ଜିତି ଭାରତ ଦ୍ୱିତୀୟ

ଦ୍ୱିତୀୟ ଓଡ଼ିଶା ଖେଳାଳି ଭାବେ ଶ୍ରାବଣୀ ନନ୍ଦ ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶ୍ରାବଣୀ, ଅଭିନୟା ରାଜରାଜନ, ସ୍ନେହା ଏସ୍‌ଏସ୍ ଓ ନିତ୍ୟା ଗାନ୍ଧେଙ୍କୁ ନେଇ ଗଠିତ ଭାରତୀୟ ୪ଗୁଣା ୧୦୦ ମିଟର୍ ରିଲେ ଦଳ ଋତୁ ଶ୍ରେଷ୍ଠ ସମୟ ୪୩.୮୬ ସେକେଣ୍ଡରେ ରେସ୍ ଶେଷ କରି ରେପ୍ୟ ପାଇଥିଲେ ଚୀନ୍ (୪୩.୨୮ ସେକେଣ୍ଡ) ସ୍ୱର୍ଣ୍ଣ ଏବଂ ଥାଇଲାଣ୍ଡ (୪୪.୨୬ ସେକେଣ୍ଡ) କାଂସ୍ୟ ଜିତିଥିଲେ।

ଏହି ଦୁଇ ପଦକ ସହ ଭାରତକୁ ଶନିବାର ୩ ଲେଖାଏଁ ରେପ୍ୟ ଓ କାଂସ୍ୟ ମିଳିଛି। ଅନ୍ୟ ଦୁଇ ରେପ୍ୟ ପଦକ ପୁରୁଷ ଜାଭ୍‌ଲିନ୍‌ରେ ସଚିନ ଯାଦବ, ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ଜିତିଥିଲେ। ସଚିନ (୮୫.୧୬ ମିଟର) ବ୍ୟକ୍ତିଗତ ଶ୍ରେଷ୍ଠ ସହ ରେପ୍ୟ ପାଇଥଲେ। ଅଲିମ୍ପିକ୍ସ ବିଜେତା ପାକିସ୍ତାନର ଅର୍ସଦ ନଦୀମ (୮୬.୪୦ ମିଟର) ସ୍ୱର୍ଣ୍ଣ ଏବଂ ଜାପାନର ୟୁତା ସାକିୟାମା (୮୩.୭୫ ମିଟର) କାଂସ୍ୟ ଜିତିଥିଲେ ପାରୁଲ ୧୫:୧୫.୩୩ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ କାଜାଖସ୍ତାନର ନୋରା ଜେରୁଟୋ ତନୁଇ (୧୩:୫୮.୭୧) ସ୍ୱର୍ଣ୍ଣ ଏବଂ ଜାପାନର ୟୁମା ୟାମାମୋତୋ (୧୫:୧୬.୮୬) କାଂସ୍ୟ ପାଇଛନ୍ତି କାଂସ୍ୟ ପଦକ ଦ୍ୱୟ ମହିଳା ୪୦୦ ମିଟର ବାଧାଦୌଡ଼ରେ ଭିଦ୍ୟା ରାମରାଜ (୫୬.୪୬ ସେକେଣ୍ଡ) ଏବଂ ୮୦୦ ମିଟରରେ ପୂଜା (୨:୦୧.୮୯) ଜିତିଥିଲେ ଏହି ପ୍ରତିଯୋଗିତାରେ ଭାରତ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ, ୬ କାଂସ୍ୟ ସହ ୨୪ ପଦକ ଜିତି ଚୀନ୍ (୧୯ ସ୍ୱର୍ଣ୍ଣ, ୯ ରେପ୍ୟ, ୪ କାଂସ୍ୟ) ୩୨ ପଦକ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି ଗତ ସଂସ୍କରଣରେ ଭାରତ ୨୭ ପଦକ ଜିତିଥିଲା।

# ୫୬ ବର୍ଷୀୟ ପାୱାରଲିଫ୍ଟର ଲଳିତଙ୍କ କମାଲ: ଜିତିଲେ ୩ ସ୍ୱର୍ଣ୍ଣ ପଦକ


ଅହମଦାବାଦ, ୩୧।୫(ଏଜେନ୍ସି): ଗୁଜରାଟର ୫୬ ବର୍ଷୀୟ ପାୱାରଲିଫ୍ଟର ଲଳିତ ପଟେଲ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ଆଇବିବିଏଫ୍ ୱାଲର୍ଡ



ଚାମ୍ପିୟନଶିପ୍‌ରେ ୩ ପଦକ ହାସଲ କରିଛନ୍ତି ମାଷ୍ଟର-୨ କାଟେଗୋରିରେ ଭାଗ ନେଇଥିବା ପଟେଲ ୱେବଞ୍ଚ ପ୍ରେସ୍, ଡେଡ୍ ଲିଫ୍ଟ ଓ ସ୍କ୍ୱାଟ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଗ୍ଲୋବାଲ ଇଭେଣ୍ଟ ଲାଗି ପଟେଲ ଗତ ୮ ମାସ ହେଲା ବ୍ୟାପକ ଟ୍ରେନିଂ ସହ ନିଜକୁ ଭଲ ରୂପେ ପ୍ରସ୍ତୁତ କରିଥିଲେ ସେ ୫ ବର୍ଷ ପୂର୍ବେ ପାୱାର ଲିଫ୍ଟିଙ୍ଗରେ ପାଦ ଦେଇଥିଲେ ସେ ଜଣେ ଶାକାହାରୀ ଥିଲେ। ଏହି ସଫଳତା ହାସଲ କରିବାରେ ବୟସ ତାଙ୍କ ପାଇଁ ବାଧକ ହୋଇ ନ ଥିଲା ବୋଲି ପଟେଲ କହିଛନ୍ତି। ଇତିମଧ୍ୟରେ ସେ ୧୬ ଜିଲା ସ୍ତରୀୟ ଓ ୧୨ ଜାତୀୟ ସ୍ତରୀୟ ପଦକ ହାସଲ କରିସାରିଛନ୍ତି। ଏଣିକି ସେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଯୁବ ଆଥିଲେଟମାନଙ୍କୁ ଦିଗ୍‌ଦର୍ଶନ ଦେବେ।

# ଶୋଏବ ଅଖତରଙ୍କୁ ଲିଗାଲ୍ ନୋଟିସ୍

କରାଚୀ, ୧।୬: ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ଏକ ନୂଆ ସମସ୍ୟାରେ ଫସିବା ନଜର ଆସୁଛି। ପାକିସ୍ତାନର ଜଣାଶୁଣା କ୍ରିକେଟ୍ ଇତିହାସକାର, ଲେଖକ ଓ ଟେଲିଭିଜନ ବ୍ୟକ୍ତିତ୍ୱ ଡାକ୍ତର ନୌମାନ ନିଆଜ, ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ତାଙ୍କୁ ବଦନାମ କରିଥିବା ଅଭିଯୋଗ କରି ଏକ ନୋଟିସ୍ ପଠାଇଛନ୍ତି ସରକାରୀ ପାକିସ୍ତାନ ଟେଲିଭିଜନ ନେଟୱାର୍କ (ପିଟିଭି)ର ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ଡା. ନିଆଜ ତାଙ୍କ ଓକିଲଙ୍କ ମାଧ୍ୟମରେ ଏହି ନୋଟିସ୍ ପଠାଇଛନ୍ତି ଅଭିଯୋଗ ଆଧାରରେ ଅଖତର ତାଙ୍କର ପାକିସ୍ତାନ ଦଳ ସହ କାର୍ଯ୍ୟକାଳ ବେଳେ ତାଙ୍କୁ କିଟ୍ ମ୍ୟାନ ବୋଲି ସମ୍ବୋଧନ କରିଥିଲେ। ଏହି ପୂର୍ବତନ ଦ୍ରୁତ



ବୋଲର ଏକ ପଡକାଷ୍ଟରେ କହିଛନ୍ତି, ଡା. ନିଆଜ ମୂଳତଃ ଟିମ୍‌ରେ ଆମ ପାଇଁ ବ୍ୟାଗ୍ ଓ ଜିନିଷ ବୋହି ନେଉ ଥିଲେ। ଅଖତର ଯେତେବେଳେ ପାକିସ୍ତାନ ଟିମ୍ ପାଇଁ ଖେଳୁଥିଲେ, ସେତେବେଳେ ଡା. ନିଆଜ କିଛି ଗସ୍ତରେ ପାକିସ୍ତାନ ଟିମ୍‌ର ଡାଟା ବିଶ୍ଳେଷକ ଭାବେ କାମ କରି ଥିଲେ ଅଖତର ଟିମ୍‌ରେ ପ୍ରଶିକ୍ଷକ ଓ ପରିଚାଳକଙ୍କ ଭୂମିକାକୁ ସମାଲୋଚନା କରି କହି ଥିଲେ ଯେ, ଡା. ନିଆଜ କିପରି ଖେଳାଳିଙ୍କ ବ୍ୟାଗ୍ ବୋହିବା ପାଇଁ ଦଳରେ ଥିଲେ ସେ କହିଛନ୍ତି, ସେ ଟିମ୍‌ରେ ଏହା କାମ କରୁ ଥିଲେ। ମୋତେ ତାଙ୍କର ଆଉ କୌଣସି କାମ ବିଷୟରେ ସୂଚନା ନାହିଁ। ଡା. ନିଆଜଙ୍କ ଓକିଲ ଏହି ନୋଟିସ୍‌ରେ ୧୪ଦିନ ଭିତରେ ନିଃସର୍ତ୍ତ କ୍ଷମା ମାଗିବାକୁ କହିଛନ୍ତି। ଏମିତି ନକଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଜୋରିମାନାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ହେବ ଏହି ଦୁହିଁଙ୍କ ମଧ୍ୟର ପୂର୍ବରୁ ମଧ୍ୟ ବିବାଦ ହୋଇ ସାରିଛି।


ଇମ୍ରାନ ଖାନଙ୍କ ସରକାର ସମୟରେ ଡା. ନିଆଜ ସାଧାରଣ ବିବାଦ ପରେ ଅଖତରଙ୍କୁ ପିଟିଭିରେ ଲାଇଭ୍ ଶୋ ଛାଡ଼ିବା ପାଇଁ କହି ଥିଲେ। ଜଣେ ମନ୍ତ୍ରୀଙ୍କ ହସ୍ତକ୍ଷେପରେ ତାଙ୍କୁ ପରେ ଏହି ଦ୍ରୁତ ବୋଲରଙ୍କ ଠାରୁ କ୍ଷମା ମାଗି ଥିଲେ ଏବଂ ଉଭୟ ସେତେବେଳେ ବିବାଦକୁ ସମାଧାନ କରି ଦେଇଥିଲେ।

# ଗୁକେଶଙ୍କୁ ହରାଇଲେ କାର୍ଲସେନ

ନୂଆଦିଲ୍ଲୀ: ନରୱେ ଚେସର ପ୍ରଥମ ରାଉଣ୍ଡରେ ମାଗନସ୍ କାର୍ଲସେନ୍ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶଙ୍କୁ ହରାଇ ସହଜରେ ତିନି ପଏଣ୍ଟ ହାସଲ କରିନେଇଛନ୍ତି। ଚାରି ଘଣ୍ଟା ଏବଂ ୫୬ ମୁଭ୍‌ରେ ଏହି କ୍ଲାସିକଲ୍ ଫର୍ମାଟରେ କାର୍ଲସେନ ବାଜି ମାରିଥିଲେ। ନରୱେଜିଆନ୍ ବିପକ୍ଷରେ ତାଙ୍କର ପ୍ରଥମ କ୍ଲାସିକାଲ୍ ଫର୍ମାଟ୍ ଖେଳୁଥିବା ଗୁକେଶଙ୍କୁ ଚ୍ୟାଲେଞ୍ଜ କରିବା ପାଇଁ କାର୍ଲସେନ୍ ଜୋବାଭା ଲଣ୍ଡନ୍ ଓପନିଂ ମୁଭ୍ ବ୍ୟବହାର କରିଥିଲେ। ରାପିଡ୍, ବ୍ଲିଜ୍ ଏବଂ ଫ୍ରିଷ୍ଟାଇଲ୍ ଚେସ୍ ଭଳି ଛୋଟ ଫର୍ମାଟ୍ ଉପରେ ଅଧିକ ଫୋକସ ଦେଉଥିବା କାର୍ଲସେନ୍ କ୍ଲାସିକଲ୍ ଫର୍ମାଟରେ ବି ନିଜ ଦକ୍ଷତା ଦେଖାଇଥିଲେ। ବିଜୟ ପରେ କାର୍ଲସେନ କହିଥିଲେ, 'ସେ ମଧ୍ୟ ଜଣେ ମହାକାଂକ୍ଷୀ ଖେଳାଳି, ତେଣୁ ମୁଁ ଭାବିଥିଲି ଯେ ଆମେ ଆରମ୍ଭରୁ ଫ୍ଲାଟ୍ ଖେଳ ପାଇବୁ ନାହିଁ, କାରଣ ସେ ଆରମ୍ଭରୁ ହିଁ ସମକକ୍ଷ ଅଛନ୍ତି' ମ୍ୟାଚ୍ ଶେଷ ପରେ ନରଡ ଚ୍ୟାନେଲ୍ ୨କୁ ପ୍ରତିକ୍ରିୟା ଦେଇ ସେ ନରଜେଆନ୍ ଭାଷାରେ କହିଥିଲେ, ଫାଇନାଲ୍ ରେଜଲ୍ଟ ପରେ ଭଲ ଅନୁଭବ କରୁଛି। ତେବେ କାର୍ଲସେନ୍ ମ୍ୟାଚ୍ ପରେ ତୁରନ୍ତ ଲୋକପ୍ରିୟ ଟିଭି ସିରିଜ୍, ଦ ୱାୟର ଏକ ଡାଇଲଗ୍ ସେୟାର କରିଥିଲେ ଯାହା ୧୮ ବର୍ଷୀୟ ଭାରତୀୟ ଗୁକେଶଙ୍କ ବିଶ୍ୱ ଚାମ୍ପିଅନ ହେବା ପରେ କ୍ଲାସିକାଲ୍ ଚେସରେ ତାଙ୍କର ପ୍ରଥମ ମୁକାବିଲାକୁ ପ୍ରଭାବୀ ଢଙ୍ଗରେ ବ୍ୟକ୍ତ କରିଛନ୍ତି। କାର୍ଲସେନ ଲେଖିଥିଲେ, "ଯେତେବେଳେ ତୁମେ ରାଜା ପାଖକୁ ଆସୁଛ, ତୁମେ କିଛି ନଭୁଲ କରିବା ଦରକାର' ।ଦୁଇ ଖେଳାଳି ଗୋଟିଏ ଲଢେଇ ପାଇଁ ଆସିଥିଲେ କିନ୍ତୁ କାର୍ଲସେନ୍ କାହିଁକି ଦୁନିଆର ଏକ ନମ୍ବର ଓ ୫ ଥରର ବିଶ୍ ଚାମ୍ପିଅନ ସହ ଦୁନିଆର ସର୍ବଶ୍ରେଷ୍ଠ ଖେଳାଳି ତାହା ଶେଷରେ ପ୍ରମାଣିତ କରିଥିଲେ। ଗତ ଏକ ବର୍ଷ ଧରି ଚେସ୍‌ର ସବୁଠୁ କଠିନ ଫର୍ମାଟ୍ ଖେଳି ନଥିବା କାର୍ଲସେନଙ୍କ ଉପରେ ଏହା କୌଣସି ପ୍ରଭାବ ଦେଖିବାକୁ ମିଳିନଥିଲା।

# ନଭେମ୍ବର ୮ରେ ସାଂସଦ ପ୍ରିୟାଙ୍କୁ ବିବାହ କରିବେ ରିଙ୍କୁ

ନୂଆଦିଲ୍ଲୀ, ୧।୬: ଉତ୍ତରପ୍ରଦେଶର ଜୌନପୁର ଜିଲ୍ଲାର ମଛଲିଶହର ଲୋକସଭା ନିର୍ବାଚନମଣ୍ଡଳୀର ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜ କ୍ରିକେଟର ରିଙ୍କୁ ସିଂହଙ୍କୁ ବିବାହ କରିବେ। ଏହି ବିବାହର ଖବର ଚଳିତ ବର୍ଷ ଆରମ୍ଭରେ ଆସିଥିଲା। ସେହି ସମୟରେ ପ୍ରିୟାଙ୍କ ବାପା ତୁଫାନି ସରୋଜ କହିଥିଲେ ଯେ ଆଇପିଏଲ ସମାପ୍ତ ହେବା ପରେ ଉଭୟ ନିର୍ବନ୍ଧ କରିବେ ଏବଂ ତା'ପରେ ବିବାହ କରିବେ। ଏବେ ରବିବାର, ଜୁନ୍ ୧ ତାରିଖରେ ପ୍ରିୟା ଏବଂ ରିଙ୍କୁଙ୍କ ବିବାହ ଏବଂ ନିର୍ବନ୍ଧର ତାରିଖ ସମ୍ପର୍କରେ ସୂଚନା ସାମ୍ନାକୁ





ଆସିଛି। ସୂଚନା ଅନୁଯାୟୀ, ଉଭୟଙ୍କର ଜୁନ ୮ ତାରିଖରେ ଲକ୍ଷ୍ନୌରେ ନିର୍ବନ୍ଧ ହେବ ଏବଂ ଉଭୟ ଚଳିତ ବର୍ଷ ନଭେମ୍ବର ୮ ତାରିଖରେ ବିବାହ କରିବେ। ଆଜି ଆମେ ଆପଣଙ୍କୁ ପ୍ରିୟା ସରୋଜଙ୍କ ବାବଦରେ ଏସବୁ ରୋଚକ କାହାଣୀ କହିବୁ।

ପ୍ରିୟା ସରୋଜ ୨୦୨୪ ମସିହାରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ଜୌନପୁରର ମଛଲିଶହରରୁ ସାଂସଦ ନିର୍ବାଚିତ ହୋଇଥିଲେ। ସାଂସଦ ହେବା ସହିତ, ସେ ତାଙ୍କ ନାମରେ କରିଥିବା ରେକର୍ଡ ଥିଲା। ଯେ ୨୦୨୪ ମସିହାରେ, ସେ ୨୫ ବର୍ଷ ବୟସର ସାତ ଜଣ ସଂସଦ ସଦସ୍ୟଙ୍କ ମଧ୍ୟରୁ ଜଣେ ଥିଲେ ପ୍ରିୟା। ମଛଲିଶହର ଆସନରୁ ଭାରତୀୟ ଜନତା ପାର୍ଟିର ବିପି ସରୋଜଙ୍କୁ ୩୫ ହଜାର ୮୫୦ ଭୋଟରେ ପରାସ୍ତ କରିଥିଲେ। ୧୮ତମ ଲୋକସଭାକୁ ନିର୍ବାଚିତ ହେବା ପରେ, ପ୍ରିୟା ସରୋଜ ସେପ୍ଟେମ୍ବର ୨୦୨୪ଠାରୁ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ କମିଟିର ସଦସ୍ୟ ମଧ୍ୟ ଅଛନ୍ତି। ପ୍ରିୟା ସରୋଜ କେବଳ ଜଣେ ସାଂସଦ ନୁହଁନ୍ତି, ବରଂ ସେ ପେଶାରେ ଜଣେ ଓକିଲ। ସେ ଗୌତମ ବୁଦ୍ଧ ନଗରରେ ଥିବା ଏକ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ମଧ୍ୟ କରିଛନ୍ତି। କେବଳ ପ୍ରିୟା ନୁହଁନ୍ତି ତାଙ୍କ ବାପା ତୁଫାନୀ ସରୋଜ ମଧ୍ୟ ଜଣେ ସାଂସଦ ଅଛନ୍ତି। ତୁଫାନୀ ସରୋଜ ୧୯୯୯ ଏବଂ ୨୦୦୪ରେ ସୈଦପୁର ଲୋକସଭାରୁ ସାଂସଦ ଥିଲେ। ସେ ୨୦୦୯ରେ ଏସପି ଟିକେଟରେ ମଛଲିଶହର। ଲୋକସଭା ଆସନରୁ ନିର୍ବାଚନ ଲଢ଼ିଥିଲେ ଏବଂ ଜିତିଥିଲେ। ତେବେ ସେ ୨୦୧୯ ଲୋକସଭା ନିର୍ବାଚନରେ ହାରିଯାଇଥିଲେ। ବର୍ତ୍ତମାନ, ତୁଫାନୀ ସରୋଜ କେରାକତ ନିର୍ବାଚନ ମଣ୍ଡଳୀର ବିଧାୟକ ଅଛନ୍ତି।

# ଉଦଯାପନୀ ସମାରୋହକୁ ଆସିନପାରନ୍ତି ୩ ସେନାର ମୁଖ୍ୟ

ନୂଆଦିଲ୍ଲୀ, ୧।୬: ଆଇପିଏଲ୍ ୨୦୨୫ ଏବେ ଏହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ପ୍ଲେଅଫ୍ ମ୍ୟାଚ୍ ଆରମ୍ଭ ହୋଇଛି ଏବଂ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଜୁନ୍ ୩ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଉଦଯାପନୀ ଉତ୍ସବ ଆୟୋଜନ କରାଯିବ ଏଥିପାଇଁ ବିସିସିଆଇ ଏକ ସ୍ୱତନ୍ତ୍ର ଯୋଜନା କରିଥିଲା, କିନ୍ତୁ ଏବେ ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଯାଉଛି ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୂରକୁ ସମ୍ମାନିତ କରିବା ପାଇଁ ବିସିସିଆଇ ତିନି ସେନାର ମୁଖ୍ୟଙ୍କୁ ନିମନ୍ତ୍ରଣ କରିଥିଲା କିନ୍ତୁ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସଶସ୍ତ୍ର ବାହିନୀର ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ନାହିଁ।

ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସ୍ଥଳ ସେନା ମୁଖ୍ୟ ଥିବା ବେଳେ ଆଡମିରାଲ୍ ଦିନେଶ କେ ତ୍ରିପାଠୀ ନୌସେନା ମୁଖ୍ୟ ଅଛନ୍ତି ସେହିପରି ବାୟୁସେନା ମୁଖ୍ୟ ହେଉଛନ୍ତି ଏୟାର ମାର୍ଶଲ ଅମର ପ୍ରୀତ ସିଂହ ଗତ ମାସରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ, ଭାରତର ତିନି ସେନା ମିଳିତ ଅପରେସନ୍ କରି ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ପର୍ଯ୍ୟଟକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରାଯାଇଥିଲା। ବିସିସିଆଇ ଏବଂ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଟୁର୍ଣ୍ଣାମେଣ୍ଟର ସମାପନୀ ଉତ୍ସବରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏବଂ ସେନାକୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଅପରେସନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁ ଆଇପିଏଲକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ପଡିଥିଲା। ପରେ ର କାର୍ଯ୍ୟସୂଚୀ ମଧ୍ୟ ପରିବର୍ତ୍ତନ କରିବାକୁ ପଡିଥିଲା। ବିସିସିଆଇ ର ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଫାଇନାଲ୍ ମେ ୨୫ ଖେଳାଯିବାର ଥିଲା, କିନ୍ତୁ ଏହାକୁ ଜୁନ୍ ୩କୁ ପରିବର୍ତ୍ତନ କରାଯାଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ